ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୨ ଅଗଷ୍ଟ, ୨୦୨୩



## ନୂତନ ବସଷ୍ଟାଣ୍ଡ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ରୁପ୍ରାରୋଡ୍,(ସଞ୍ଜୀବ ଦାସ): କଳାହାଣ୍ଡି ଜିଲା ନର୍ଲାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ନର୍ଲା ଡ଼ାକବଙ୍ଗଳା ପାର୍ଶ୍ୱରେ ଖାଲିଥିବା ଜାଗାକୁ ଚିହ୍ନଟ କରି ବସଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥିର ହୋଇଛି। ଓଏସଆରଟିସି ଡିଟିଏମ ଅମୀୟ ପଟ୍ଟନାୟକ ଜମି ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ନର୍ଲା ରେଭିନିଉ ସୁପରଭାଇଜର ରଞ୍ଜିତ ରାଉତ, ଆରଆଇ ଶାଶ୍ୱତ ମିଶ୍ର ଉପସ୍ଥିତ ରହି ଜାଗା ଚିହ୍ନଟ କରିଥିବା ବେଳେ ସର୍ଗିଗୁଡ଼ା ସମିତି ସଭ୍ୟ ଚିରଞ୍ଜୀବି ଗୌଡ଼ିଆ, କିଶୋର ମାଝି, ପୂର୍ଣ୍ଣଚନ୍ଦ୍ର ପୂଝାରୀ, ଚନ୍ଦ୍ରଶେଖର ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ହର୍ ଘର ତିରଙ୍ଗା କାର୍ଯ୍ୟକ୍ରମ

ଖଡ଼ିଆଳ,୧୧।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଡାକ କର୍ମଚାରୀଙ୍କ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ଡାକ କାର୍ଯ୍ୟାଳୟରେ କାର୍ଯ୍ୟରତ ୫୦ଜଣ କର୍ମଚାରୀ ଯୋଗଦେଇ ପ୍ରଧାନମନ୍ତ୍ରୀ ସାଧୀନତାର ଅମୃତ ମହୋତ୍ସବ ପାଳନ ନିମନ୍ତେ ସମସ୍ତଙ୍କୁ ନିଜ ଘରେ ଆମ ଜାତୀୟ ପତାକା ଲଗାଇ ଉଡାଇବାକୁ ନିବେଦନ କରିଥିଲେ। ଏହି ବାର୍ତ୍ତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରାରେ ବାହାରି ଖଡ଼ିଆଳ ସହର ପରିକ୍ରମା କରିବା ପରେ ରାଜଭବନଠାରେ ଯୁବରାଜ ସାହେବ ଦେବ ଦେବ ସିଂଦେଓଙ୍କୁ ସାମିଲ କରି କାର୍ଯ୍ୟକ୍ରମ ଶେଷ କରିଥିଲେ। ଖଡ଼ିଆଳ ଡାକ ଘର ପକ୍ଷରୁ ରତ୍ନ କିଶୋର ବିଶି, ଜଗନ୍ନାଥ ପ୍ରଧାନି, କବି ସୁନା, ଲମ୍ବୋଦର ଜେନା, ଚନ୍ଦ୍ରଧଜ ମାଝି, ପୁଣ୍ୟତୋଷ ମୁଣ୍ଡ, ବେଦବ୍ୟାସ ବାଗ ପ୍ରମୁଖ ସାମିଲ ହୋଇଥିଲେ।

## କ୍ଷତ୍ରିୟ ପାଇକ ସମାଜର ଗୃହ ନିର୍ମାଣ ପାଇଁ ଭୂମି ପୂଜନ

ମଦନପୁର,୧୧।୮
(ସନ୍ତୋଷ କୁମାର ଦଣ୍ଡସେନା)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରଠାରେ କ୍ଷତ୍ରିୟ ପାଇକ ସମାଜର ଗୃହ ନିର୍ମାଣ ପାଇଁ ଭୂମିପୂଜନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂ ଦେଓ, ଜିଲା ପରିଷଦ ସଭ୍ୟା ଜୋନ୍ (ଖ) ମଞ୍ଜୁଲତା ଧରୁଆ, ସ୍ଥାନୀୟ ସରପଞ୍ଚ କେତକୀ ଦଣ୍ଡିଆ, ସମିତି ସଭ୍ୟା ପଦ୍ମିନୀ ଭୋଇ, ନାଏବ ସରପଞ୍ଚ ବିରାଟ ମୁଣ୍ଡଛିନା, ସାମାଜିକ କର୍ମୀ ବିକାଶ ରଞ୍ଜନ ସିଂଦେଓ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଶତପଥୀ, ରାଜ୍ୟ ସରପଞ୍ଚ ସଂଘ ସଭାପତି ରାଷ୍ଟ୍ର ସାହୁଙ୍କ ସମେତ ଅନେକ ବିଜେଡି କର୍ମୀ ଓ ମଦନପୁର ଉପମଣ୍ଡଳ ସଭାପତି ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ।

## କିଷାନ ମୋର୍ଚ୍ଚା ପକ୍ଷରୁ ଗଣଧାରଣା

ଜୁନାଗଡ଼,୧୧।୮(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଜୁନାଗଡ଼ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦିଆଯାଇଛି। ପରେ ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବନ୍ୟା, ବାତ୍ୟା, ମରୁଡ଼ି, ଫସଲଜନିତ ରୋଗ, ବନ୍ୟା ଜନ୍ତୁଙ୍କ ଦ୍ୱାରା ଫସଲ ନଷ୍ଟ ଇତ୍ୟାଦିର କ୍ଷୟକ୍ଷତି ଭରଣ, ବିଦ୍ୟୁତ୍ ସଂଶୋଧନ ବିଲ ୨୦୨୨କୁ ପ୍ରତ୍ୟାହାର ଦାବି ରହିଛି। କିଶାନ ମୋର୍ଚ୍ଚା ସଭାପତି ତଥା ଆବାହକ ବିଶନାଥ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷ୍ମଣ ରଣବିର, ନିରଞ୍ଜନ ପ୍ରଧାନ, ସରୋଜ କୁମାର ଶତପଥୀ, ଲକ୍ଷ୍ମଣ ଭୋଇ, ମହାବେବ ନାଏକ, ଭବାନୀ ବାଗ, ଚନ୍ଦ୍ର ବାଗ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଘଗୁଆଲ ଜଙ୍ଗଲ ନିକଟରୁ ବୃଦ୍ଧଙ୍କ ମୃତଦେହ ଜବତ, ୩ ଅଟକ

ଗୋଲାମୁଣ୍ଡା,୧୧।୮(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ମହାଲିଙ୍ଗ ପଞ୍ଚାୟତ ବେତରାଜପାଲି ଘଗୁଆଲ ଜଙ୍ଗଲ ନିକଟରୁ ଶୁକ୍ରବାର ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ମୃତକ ଉକ୍ତ ଗ୍ରାମର ପରମେଶ୍ୱର ଧାରୁଆ (୬୦)। ସକାଳୁ ଘଗୁଆଲ ଜଙ୍ଗଲ ନିକଟ ଥିବା ଜମିକୁ ଆସିଥିଲେ। ଘରକୁ ଫେରିବାକୁ ବିଳମ୍ବ ହେବାରୁ ପୁଅ ସରିନ୍ଦ୍ର ଖୋଜିଆସିଥିଲେ। ଜମି ମଧ୍ୟରେ ମୃତଦେହ ପଡିଥିବା ଦେଖି କେଗାଁ ଥାନାକୁ ଜଣାଇଥିଲେ। କେଗାଁ ପୋଲିସ ଏବଂ ପରେ ସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁନାରାମ ହେମରମ ପହଞ୍ଚିଥିବା ବେଳେ ସାଇଣ୍ଟିଫିକ ଜରିଆରେ ଅଧିକ ତଦନ୍ତ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। କେଗାଁ ଥାନାରେ ଦଫା ୩୦୨/୩୪ ଆଇପିସିରେ ଏକ ମାମଲା (ନଂ.୧୪୭/୨୩) ରୁଜୁ ହୋଇଛି। ପୋଲିସ ସନ୍ଦେହରେ ଗ୍ରାମର ୩ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ନବ ନିର୍ମାଣ କୃଷକ ସଙ୍ଗଠନ**

■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ଦଫା ସମ୍ବଳିତ ଦାବିପତ୍ର

ନୂଆପଡ଼ା,୧୧।୮(ମକାରୁ ବେମାଲ)



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନୂଆପଡା ଜିଲା ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାର ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଂଯୋଜକ କେଶବ ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ମିନି ଷ୍ଟାଡିୟମଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ହେମକାନ୍ତ ସାଏଙ୍କ ଜରିଆରେ ୧୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀମାନଙ୍କୁ ଭୁବନେଶ୍ୱରରେ ପ୍ରବେଶ କରିବାକୁ ଅନୁମତି ନ ଦେଇ ସେମାନଙ୍କୁ ଗିରଫ କରି ଗଣତାନ୍ତ୍ରିକ ମୂଲ୍ୟକୁ ହତ୍ୟା କରାଯାଇଛି। ଚାଷୀମାନଙ୍କୁ ତାଙ୍କ ଉତ୍ପାଦିତ ଦ୍ରବ୍ୟର ନା ଉଚିତ ମୂଲ୍ୟ ପାଉଛନ୍ତି ନା ଚାଷୀ ସୁରକ୍ଷା ଭତ୍ତା, ଦରଦାମ ଆକାଶ ଛୁଆଁ ହୋଇ ଗଲାଣି, ଶିକ୍ଷା କ୍ଷେତ୍ରରେ କୋଠା ଉପରେ କୋଠା ନିର୍ମାଣ କରାଯାଇ ଠିକାଦାର ଓ ଅଧିକାରୀ ମାଲାମାଲ ହେଉଛନ୍ତି। କିନ୍ତୁ ସରକାରୀ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି କି ଶିକ୍ଷାର ମାନ ନାହିଁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ହସ୍ପିଟାଲଗୁଡ଼ିକରେ ନା ନିୟମିତ ଡାକ୍ତର ଅଛନ୍ତି ବା ସେମାନଙ୍କ ସେବାର ନିମ୍ନତମ ସୁବିଧା ଉପଲବ୍ଧ ଅଛି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟ ସିମୀତ ହେବାରେ ଲାଗିଛି। ଅମଲାମାନେ ଲୋକପ୍ରତିନିଧିମାନଙ୍କ କ୍ଷମତାକୁ ଛଡାଇ ନେଇଛନ୍ତି। ଯାହା ଏକ ଫାଶୀବାଦୀ ଶାସନର ଉଦାହରଣ ଅଟେ। ଭ୍ରଷ୍ଟାଚାର ଚରମ ସୀମାରେ ଅଫିସର ଓ କିରାଣିଙ୍କ ଘରୁ କୋଟି କୋଟି ଟଙ୍କା ବାହାରୁଛି। ବର୍ତ୍ତମାନ ସମୟରେ ମହିଳା ସୁରକ୍ଷିତ ନୁହନ୍ତି। ମହିଳାମାନଙ୍କ ଉପରେ ହେଉଥିବା ବଳାତ୍କାର ଓ ଅତ୍ୟାଚାର ଫାଇଲଗୁଡ଼ିକ ସରକାରୀ ବାବୁମାନଙ୍କ ଚାପରେ ଚାପି ହୋଇଯାଇଛି, ନ୍ୟାୟର ଆଶା ନାହିଁ। ଏସବୁ ଶୀଘ୍ର ସମାଧାନ କରାଯାଉ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଭିକ୍ଷୋଭରେ ଖଡିଆଳ ବ୍ଲକ ସଂଯୋଜକ ଭବାନୀ ଶଙ୍କର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଶବର, ବଡ ଶବର, ପରକ୍ଷିତ ଦାସ, ଭୁଜବଳ ମେହେର, ସନ୍ତୋଷ କୁମାର ଜଗତ, ପ୍ୟାରିସ ବେହେରା, ରାଘବ ଜଗତ, ଶ୍ୟାମସୁନ୍ଦର ଜଗତ ପ୍ରମୁଖ ସାମିଲ ହୋଇଥିଲେ।

## କିଡ୍‌ନୀ କେୟାର ଅନ୍ ହୁଇଲସ କାର୍ଯ୍ୟକ୍ରମ ଉଦ୍‌ଘାଟିତ



କିଡ୍‌ନୀ କେୟାର ଅନ ହୁଇଲସ କାର୍ଯ୍ୟକ୍ରମରେ ଅତିଥିଗଣ।

ଭବାନୀପାଟଣା,୧୧।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଚିଗୁଡା କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ କିଡ୍‌ନୀ କେୟାର ଅନ ହୁଇଲସ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ତଥା ବିଭିନ୍ନ ଉନ୍ନତିମୂଳକ ସ୍ୱାସ୍ଥ୍ୟ ଯୋଜନା ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗିରିଶ ଚନ୍ଦ୍ର ରାଉତ, ଡିପିଏଚଓ ଡାକ୍ତର ରାକେଶ କୁମାର ସାହୁ, ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଡିପିଏମ ଅବନୀ ରଞ୍ଜନ ମହାପାତ୍ର, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ୨୮୭ ଲୋକଙ୍କ ମଧୁମେହ, ରକ୍ତଚାପ ପରୀକ୍ଷା କରାଯାଇଥିଲା। ରାଜ୍ୟ ସରକାରଙ୍କ କିଡ୍‌ନୀ କେୟାର ଅନ ହୁଇଲ କାର୍ଯ୍ୟକ୍ରମ ଜିଲାର ୨ଟି କିଡ୍‌ନୀ ରୋଗୀବହୁଳ ବ୍ଲକ ଜୁନାଗଡ଼ ଓ ଧର୍ମଗଡ଼ରେ ଆରମ୍ଭ କରାଯିବ। କାର୍ଯ୍ୟକ୍ରମରେ ଭ୍ରାମ୍ୟମାଣ ଗାଡି ମାଧ୍ୟମରେ ମୁଖ୍ୟତଃ ୩୦ ରୁ ୭୦ ବର୍ଷରେ ଥିବା ମଧୁମେହ ରୋଗୀ, ଉକ୍ତ ରକ୍ତଚାପ ରୋଗୀ, କିଡ୍‌ନୀ ରୋଗୀ, ହୃଦରୋଗୀ ତଥା ବୃଦ୍ଧ ରୋଗୀମାନଙ୍କୁ ଅଗ୍ରାଧିକାରେ ସ୍ୱାସ୍ଥ୍ୟ ପରୀକ୍ଷାର ଯାଞ୍ଚ କରାଯିବ ଏବଂ ଆବଶ୍ୟକସ୍ଥଳେ ମୁଖ୍ୟ ଚିକିତ୍ସାଳୟ ପ୍ରେରଣ କରାଯିବ। ଶେଷରେ ଭ୍ରାମ୍ୟମାଣ ଗାଡି ଉନ୍ମୋଚନ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଶିକ୍ଷାବିତ ବିନୟ କୁମାର ସାହୁ ପରିଚାଳନା କରିଥିଲେ।

## ପାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀଙ୍କ ଜିଲାପାଳଙ୍କ ଦ୍ୱାରସ୍ଥ

ନୂଆପଡ଼ା,୧୧।୮(ମକାରୁ ବେମାଲ)


ପାକ୍ସ କର୍ମଚାରୀ ଦାବିପତ୍ର ପ୍ରଦାନ କରି ଫେରୁଛନ୍ତି।

■ଜିଲାର ଅଧିକାଂଶ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ
■ପୋର୍ଟାଲର ଯାନ୍ତ୍ରିକ ସମସ୍ୟା

ନୂଆପଡା ଜିଲା ପ୍ରାଥମିକ କୃଷି ସମବାୟ ସମିତିରେ ଖରିଫ ୨୦୨୩-୨୪ ଚାଷୀ ପଞ୍ଜୀକରଣରେ ସମସ୍ୟା ହେଉଥିବାରୁ ଶୁକ୍ରବାର ପାକ୍ସରେ କାର୍ଯ୍ୟରତ ମୁଖ୍ୟ କାର୍ଯ୍ୟ ନିର୍ବାହୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାର ୨୬ଟି ପାକ୍ସରେ ୨୦୨୩-୨୪ ଖରିଫ ଧାନ ବିକ୍ରି ପାଇଁ ଚାଷୀ ପାକ୍ସ ମାଧ୍ୟମରେ ପଞ୍ଜୀକରଣ କରୁଛନ୍ତି। ଜୁଲାଇ ୧୫ରୁ ପଞ୍ଜୀକରଣ ଆରମ୍ଭ ହୋଇ ଅଗଷ୍ଟ ୧୬ରେ ଶେଷ ହେବ। ପି-ପାସ ପୋର୍ଟାଲରେ ବାରମ୍ବାର ଯାନ୍ତ୍ରିକ ସମସ୍ୟା ଓ ସର୍ଭର ସମସ୍ୟା ଦେଖାଉଥିବାରୁ ପଞ୍ଜୀକରଣ ହୋଇ ପାରୁନାହିଁ। ଏ ସଂକ୍ରାନ୍ତରେ ପାକ୍ସର କର୍ମଚାରୀମାନେ ଜିଲା ପି-ପାସ ଟେକ୍ନିକାଲ ଟିମକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ରାଜ୍ୟସ୍ତରକୁ ଜଣାଇ ଦେଇଛୁ ବୋଲି କହି ଦିନ ଗଡାଇ ଚାଲିଛନ୍ତି। ସମସ୍ୟା ସମାଧାନ ହୋଇ ପାରୁନାହିଁ। ଅବଧି ସରିବାକୁ ଆଉ ୫ ଦିନ ବାକି ଥିବାବେଳେ ଜିଲାର ଅଧିକାଂଶ ଚାଷୀ ଖରିଫ ଧାନ ବିକ୍ରି କରିବାରୁ ବଞ୍ଚିତ ହେବାର ସମ୍ଭାବନା ରହିଛି। ଜିଲାରେ ଯେମିତି ସମସ୍ତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ନ ହୁଅନ୍ତି, ଏସବୁକୁ ଦୃଷ୍ଟିରେ ରଖି ପି-ପାସ ପୋର୍ଟାଲ ଯାନ୍ତ୍ରିକ ସମସ୍ୟା ଶୀଘ୍ର ସମାଧାନ କରିବା ପାଇଁ ଜିଲାର ପାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାରତ ଲାଲ ଦେବାଙ୍ଗନ, ସନ୍ତୋଷ କୁମାର ସୁନାନୀ, ହିରାଲାଲ ପାଣ୍ଡେ, ଗଣେଶ ଚେରକିଆ, ଦୟାଲାଲ ସାହୁ, କାନ୍ତିଲାଲ ସାହୁ, ଦିନେଶ କୁମାର ଚନ୍ଦନ, ବ୍ରଜେଶ ହଂସ, ପଦ୍ମ ଲୋଚନ ବାଗ, ସୁରଜ ଦାସ ପ୍ରମୁଖ ଦାବି କରିଛନ୍ତି।

## ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ**

କୋକସରା,୧୧।୮
(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା ଗ୍ରାମରେ ଜଣେ ବିବାହିତା ମହିଳା ପ୍ରେମଲତାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ପ୍ରେମଲତାଙ୍କୁ ତାଙ୍କ ସ୍ୱାମୀ ଭାସ୍କର, ଶାଶୁଶ୍ୱଶୁର ମିଶି ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଘର ଭିତରେ ବେକରେ ରଶି ଲଗାଇ ଟାଙ୍ଗି ଦେଇଥିଲେ ବୋଲି ମୃତ ମହିଳାଙ୍କ ବାପା ଘନ ଓ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ସୂଚନା ମତେ କୋକସରା ଥାନା ଅନ୍ତର୍ଗତ ବେହେରା ଗ୍ରାମର ଭାସ୍କର ଗୋପାଳ ୫ ବର୍ଷ ତଳେ ଏହି ବ୍ଲକ ବଡ଼କେନ୍ଦୁଗୁଡା ଗ୍ରାମର ପ୍ରେମଲତାଙ୍କ ସହିତ ବିବାହ କରିଥିଲେ। ମୃତ ମହିଳାଙ୍କ ବାପା ଘନ ନାଗଙ୍କ ଅଭିଯୋଗ ମତେ ଗତ ବୁଧବାର ପାରିବାରିକ କଳହକୁ ନେଇ ସ୍ୱାମୀ ଭାସ୍କର ଶାଶୁ ଶ୍ୱଶୁର ମିଶି ପ୍ରେମଲତାଙ୍କୁ ଗାଳିଗୋଲଜ ଗଣ୍ଡଗୋଳ କରିଥିଲେ। ପର ଦିନ ପ୍ରେମଲତା ବେକରେ ରଶି ଲଗାଇ ଘରେ ମରି ପଡିଥିବା ଦେଖିବାକୁ ମିଳିଥିଲା। ମହିଳାଙ୍କ ବାପ ଘର ଲୋକଙ୍କୁ ଖବର ନ ଦେଇ ମୃତଦେହ ଦାହ କରିବାକୁ ମଶାଣିକୁ ନେଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ମୃତ ମହିଳାଙ୍କ ଘର ଲୋକେ କୋକସରା ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ତୁରନ୍ତ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ପୋଲିସ ମୃତ ମହିଳାଙ୍କ ସ୍ୱାମୀ ଭାସ୍କରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଥାନାରେ ୨୧୦/୨୩ରେ ।ଏକ ।ହତ୍ୟା ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଥିବା ନେଇ ଥାନା ଅଧିକାରିଣୀ ରନିତା ପ୍ରଧାନ ସୂଚନା ଦେଇଛନ୍ତି।

## ମେରି ମିଟି ମେରି ଦେଶ କାର୍ଯ୍ୟକ୍ରମ

ନୂଆପଡ଼ା,୧୧।୮(ମକାରୁ ବେମାଲ)

ନୂଆପଡା ଜିଲା ସଦ ମହକୁମାସ୍ଥିତ ରିର୍ଜଭ ପୋଲିସ କାର୍ଯ୍ୟାଳୟରେ ନେହେରୁ ଯୁବ କେନ୍ଦ୍ର ନୂଆପଡା ଓ ସିଆରପିଏଫ ୨୧୬ ବାଟାଲିୟନଙ୍କ ମିଳିତ ଆନୁକୂଲ୍ୟରେ ମେରି ମାଟି ମେରି ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରପିଏଫ ୨୧୬ ବାଟାଲିୟାନ କମାଣ୍ଡେଣ୍ଟ ଏରିକ ଗିଲବଟ ଯୋଷ, ସେକେଣ୍ଡ କାମାଣ୍ଡେଣ୍ଟ ଆରସି ମିଶ୍ର, ନେହେରୁ ଯୁବ କେନ୍ଦ୍ର ଏମଟିଏସ ମୁକେଶ ପାଣ୍ଡେ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ପରେ ପଞ୍ଚ ପ୍ରାଣ ପ୍ରତିଶୃତି, ବସୁଧା ବନ୍ଦନ, ବୀରଙ୍କୁ ବନ୍ଦନ, ଜାତୀୟ ପତକା ଉତ୍ତୋଳନ ଓ ରାଷ୍ଟ୍ରଗାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନେହେରୁ ଯୁବ କେନ୍ଦ୍ର ଓ ସିଆରପିଏଫ ୨୧୬ ବାଟାଲିୟାନ ପକ୍ଷରୁ ସିଆରପିଏଫ କ୍ୟାମ୍ପ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ନେହେରୁ ଯୁବ କେନ୍ଦ୍ର ନୂଆପଡା ସ୍ୱେଚ୍ଛାସେବୀ ବିଶାଖା ହରିଜନ, ଭାରତୀ ଭୋଇ, ଭଞ୍ଜ କିଶୋର ନାଏକ, ଅଞ୍ଜଳି ଶବର, ପପ୍ପୁ ମହାନନ୍ଦ, କବିତା ଶବରଦ, ପୁରୁଷମ ଶବର ପ୍ରମୁଖ ସହଯୋଗ କରିଥିଲେ।

## କଣ୍ଟାବାଞ୍ଜିକୁ ହରାଇ ସେମିରେ ଖଡ଼ିଆଳ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଖଡ଼ିଆଳ,୧୧।୮(ସୁଜିତ୍ କୁମାର ପ୍ରଧାନ)

**ରାଜା ଅନୁପ ସିଂଦେଓ ଫୁଟ୍‌ବଲ ଟୁର୍ନାମେଣ୍ଟ**

ନୂଆପଡା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଚାଲିଥିବା ୧୪ତମ ରାଜା ଅନୁପ ସିଂ ଦେଓ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଅନ୍ତିମ ଲିଗ ମ୍ୟାଚରେ କଣ୍ଟାବାଞ୍ଜିକୁ ହରାଇ ଖଡ଼ିଆଳ ସେମିରେ ପ୍ରବେଶ କରିଛି। ଉଭୟ ଦଳ ପ୍ରଥମରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ନିର୍ଦ୍ଧାରିତ ସମୟର ପ୍ରଥମାର୍ଦ୍ଧରେ ଖଡ଼ିଆଳ ପ୍ରଥମେ ଏକ ଗୋଲ ଦେଇ ଅଗ୍ରଣୀ ରହି ଏକ ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସାମାଜିକ କର୍ମୀ ଅର୍ଚ୍ଚନା ଗୋୟଲ, ପୂର୍ବତନ ବିଶିଷ୍ଟ ଫୁଟବଲ ଖେଳାଳି ଛବି ସାଗର, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ପ୍ରମୁଖ ଯୋଗଦେଇ ଉଭୟ ଦଳ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ରେଫରୀ ସୁଶାନ୍ତ କୁମାର ସ୍ୱାଇଁ ଖେଳ ପରିଚାଳନା କରିଥିବା ବେଳେ ଲାଇନ ରେଫରୀ ଭାବେ ଅମୁଲ୍ୟ ବାରିକ ଏବଂ ସୌରଭ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ପୂର୍ଣ୍ଣ୍ୟତୋଷ ମୁଣ୍ଡ, ନନ୍ଦୁ ସାହୁ, ପ୍ରକାଶ ପାତ୍ର, ଜିତେନ୍ଦ୍ର ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କୁମାର ଅଙ୍କିତ ସିଂଦେଓ, ବିବେକ ଯାଦବ, ପ୍ରଭୁଦତ୍ତ ଗୌଡ଼, ମହମ୍ମଦ ଆକିବ ରାଜା, ଦୀପକ ମହାପାତ୍ର, ତାପସ ପତି ପ୍ରମୁଖ ସହଯୋଗ କରିଥିଲେ। ବିଜୟୀ ଖଡ଼ିଆଳ ଦଳ ଆସନ୍ତା ୧୩ ତାରିଖରେ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲରେ ଜାମଖୁଣ୍ଟାକୁ ଭେଟିବାକୁ ଥିବା ବେଳେ ପ୍ରଥମ ସେମିଫାଇନାଲ ଜୋରାବନ୍ଦ ଏବଂ ତରବୋଡ଼ ମଧ୍ୟରେ ଶନିବାର ଅନୁଷ୍ଠିତ ହେବ।

## ପଲ୍ଲୀବିକାଶ ପ୍ରତିଷ୍ଠା ଦିବସରେ ୪୦ ଚାଷୀଙ୍କୁ ସମ୍ମାନିତ



କାର୍ଯ୍ୟକ୍ରମରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ଖଡ଼ିଆଳ,୧୧।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ପାଟଣା କ୍ଷତ୍ରିୟ ସମାଜ ଭବନଠାରେ ପଲ୍ଲୀ ବିକାଶର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଡିଓ ବିରଶେନ ବେହେରା, ଓରମାସ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ସହକାରୀ ମତ୍ସ୍ୟ ଅଧିକାରୀ ଭବାନୀ ଶଙ୍କର ପଣ୍ଡା, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପଲ୍ଲୀବିକାଶ ସମ୍ପାଦକ ସୁରେଶ କୁମାର ରାଉତ ସଭାପତିତ୍ୱ କରିଥିଲେ। ବିଧାୟକ ସମସ୍ତ ଚାଷୀମାନଙ୍କୁ ଉତ୍ସାହ ପ୍ରଦାନ କରିବା ସହିତ ସଙ୍ଗଠନକୁ ଆହୁରି ମଜଭୁତ କରିବା ପାଇଁ କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ପାଇଁ କହିଥିଲେ। ଅନୁଷ୍ଠାନ ପକ୍ଷରୁ ସଫଳ କ୍ଷୁଦ୍ର ଶସ୍ୟ ଚାଷୀ, ମତ୍ସ୍ୟ ଚାଷୀ, ପନିପରିବା ଚାଷୀ, ଛେଳି ଚାଷୀ, କୁକୁଡା ଚାଷୀ ଓ ଅନ୍ୟାନ ସଫଳତା ଅର୍ଜନ କରିଥିବା ୪୦ଜଣ ଚାଷୀ ଓ ୧୦ଜଣ ସଙ୍ଗଠନକୁ ସମ୍ମାନିତ କରଯାଇଥିଲା। କାର୍ଯ୍ୟକ୍ରମରେ ଖଡିଆଳ ଓ ବୋଡେନ ବ୍ଲକର ପ୍ରଗତିଶୀଳ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, ନିର୍ବାଚିତ ପ୍ରତିନିଧି, ବିଭିନ୍ନ ଲୋକ ସଙ୍ଗଠନ ଯଥା ଅଗ୍ରଗାମୀ କଳା ପରିଷଦ, ଶୂଳପାଣି କଳା ପରିଷଦ, ମା' ସମଲେଶ୍ୱରୀ ଟ୍ରକ ଡ୍ରାଇଭର ସଂଘ ପ୍ରତିନିଧି ତଥା ପଲ୍ଲୀବିକାଶ କର୍ମକର୍ତ୍ତାମାନେ ଅଂଶ ଗ୍ରହଣ କରିଥିଲେ। ଉତ୍କଳ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅମର ସିଂ ବାରିକ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଣେ ମାତ୍ର ମହିଳା ପ୍ରାର୍ଥିନୀଙ୍କ ନାମାଙ୍କନପତ୍ର ଦାଖଲ

କର୍ଲାମୁଣ୍ଡା,୧୧।୮(ପ୍ରଦୀପ କୁମାର ସାହୁ)

**କର୍ଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ଉପନିର୍ବାଚନ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପ୍ରାଥମିକ ସମବାୟ ସମିତି ଉପ ନିର୍ବାଚନ ଲାଗି ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ ହୋଇଛି। ଏଥିରେ ଜଣେ ମାତ୍ର ମହିଳା ପ୍ରାର୍ଥିନୀ ଭାବେ ଇନ୍ଦୁମତି ଭୋଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୧୮ ତାରିଖରେ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଗୋବର୍ଦ୍ଧନ ଭୋଇଙ୍କ ବିୟୋଗ ପରେ ଏହି ପଦବୀ ଖାଲି ରହିଥିଲା। ନିର୍ବାଚନ ବିଜ୍ଞାପନ ୧୯; ତା୫/୮/୨୦୨୩ ଅନୁଯାୟୀ ରାଜ୍ୟ ସମବାୟ ନିର୍ବାଚନ ଅୟୋଗ ଓଡିଶାଙ୍କ ବିଜ୍ଞପ୍ତି ନମ୍ବର ୧୫୧୧ ;୪/୮/୨୦୨୩ ଅନୁସାରେ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ୨ ପାଇଁ ଇନ୍ଦୁମତି ଭୋଇ ନାମାଙ୍କନ ପତ୍ର ଦାଖଲ କରିଥିବା ସୂଚନା ମିଳିଛି। ସର୍ବସମ୍ମତିରେ ସ୍ୱର୍ଗତ ଭୋଇଙ୍କ ଜ୍ୟେଷ୍ଠ ବୋହୂ ଇନ୍ଦୁମତି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ସମସ୍ତ ନିର୍ଦ୍ଦେଶକ/ନିର୍ଦ୍ଦେଶିକା ଓ ନିର୍ବାଚନ ଅଧିକାରୀ ସୁଶୀଲ ସାହୁ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଆମ୍ବା ଅଧ୍ୟକ୍ଷ ଗୌର କିଶୋର ରଣା, ଆଦିବାସୀ ଯୁବ ନେତା ନନ୍ଦି କିଶୋର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



## ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ନୂଆପଡ଼ା,୧୧।୮(ମକାରୁ ବେମାଲ)


ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

**ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର**

ନୂଆପଡା ଜିଲା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କ ବିଭିନ୍ନ ଦାବି ନେଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ପ୍ରତିବାଦ ସଭା କରି ଧାରଣାରେ ବସିଛନ୍ତି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ନୂଆପଡା ଜିଲା ସଭାପତି ଯଶୋବନ୍ତ ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକ ଏକତ୍ରିତ ହୋଇ ସ୍ଥାନୀୟ ପୋଲିସ ପଡିଆଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲା ଶିକ୍ଷା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ପ୍ରତିବାଦ ସଭା କରି ଧାରଣାରେ ବସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ହେମକାନ୍ତ ସାଏ ଓ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସହ ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକମାନଙ୍କ ଠିକା କାର୍ଯ୍ୟକାଳକୁ ନ୍ୟାଶନାଲ ଇନକ୍ରୀମେଣ୍ଟ ପ୍ରଦାନ କରି ମୂଳ ଚାକିରୀରେ ଗଣନା କରିବା, ଏକ୍ସ କ୍ୟାଡର ଶିକ୍ଷକଙ୍କୁ କ୍ୟାଡର ଭୁକ୍ତ କରିବା, କଳା ଓ କ୍ରୀଡା ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ, ନୂତନ ପେନସନ ପ୍ରଥା ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ପୁନଃ ପ୍ରଚଳନ କରାଯାଉ ବୋଲି ଦାବି କରିଛନ୍ତି। ଆସନ୍ତା ୧୬ରୁ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନେ ସମୂହ ଛୁଟିରେ ରହି କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ସାମିଲ ହେବାକୁ ବାଧ୍ୟ ହେବୁ ବୋଲି ଉପ ସଭାପତି ଚୁରନଲାଲ ସାହୁ, କଲ୍ୟାଣୀ ବିଶ୍ୱାଳ, ସଧାରଣ ସମ୍ପାଦକ ଧନୁ ବାଗ, ସହ ସମ୍ପାଦକ ମିନକେତନ ନିଆଲ, ସଞ୍ଜୟ ପାଢୀ, ବିଜୟ କୁମାର ମଲ୍ଲିକ, କାର୍ଯ୍ୟକାରୀ ସମ୍ପାଦକ ଗଜରାଜ ବୈଠାରୁ, ହୃଦାନନ୍ଦ ମେହେର, ଭାରତ ଚନ୍ଦ୍ର ବାଗ ଓ ଜିଲାର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ବିପଦସଙ୍କୁଳ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ପାଇକମାଳ,୧୧।୮(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ମୁଖ୍ୟ ଛକ ନିକଟରେ ବିଜୁ ଏକ୍ସପ୍ରେସ ୱେ କଡ଼ରେ ଥିବା ୩୫୦ କେଭି ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ଚାରିପଟେ ସୁରକ୍ଷା ପାଚେରି ନାହିଁ। ଏହି ରାସ୍ତା ଦେଇ ଲୋକମାନେ ଯାତାୟାତ କରୁଛନ୍ତି। ଗୃହପାଳିତ ପ୍ରାଣୀ ସେହି ବାଟ ଦେଇ ଯାଉଛନ୍ତି। କେତେବେଳେ ଯେ ଅଘଟଣ ନ ଘଟିବ କହିହେବନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ଲୁହୁରାକୋଟ ଗ୍ରାମକୁ ଅସ୍ଥାୟୀ ରାସ୍ତା



ପଦ୍ମପୁର ୧୧।୮(ପ୍ରଦୀପ୍ତ ଦାଶ)

ଲଗାଣ ବର୍ଷା ଯୋଗୁ ଓଡ଼ିଶାରୁ ବିଚ୍ଛିନ୍ନ ହୋଇପଡ଼ିଥିବା ଚର୍ଦାପାଲି ଗ୍ରାମପଞ୍ଚାୟତର ଲୁହୁରାକୋଟ ଗ୍ରାମକୁ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ଉପଜିଲାପାଳ ସଦାକର କୁମ୍ଭାର ଗତ ୫ତାରିଖରେ ପରିଦର୍ଶନ କରିଥିଲେ। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଶୀଘ୍ର ଗମନାଗମନ ସୁବିଧା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରି ଯାତାୟାତ ପାଇଁ ଅସ୍ଥାୟୀ ରାସ୍ତା କରିଛି। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳର ଲୋକଙ୍କ ଯାତାୟାତ ପାଇଁ ଏକ ସ୍ଥାୟୀ ପୋଲ ନିର୍ମାଣ କାମ ଚାଲିଛି। ତେବେ ଯେଉଁ ପୋଲରେ ଯାତାୟତ କରାଯାଉଥିଲା ତାହା ବର୍ଷାରେ ଭାଙ୍ଗିଯାଇଥିଲା।

### ସାପ ଧରାଳିଙ୍କୁ କାମୁଡ଼ିଲା ନାଗସାପ

ସୋନପୁର,୧୧।୮(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ କବାଟତଳେଇ ଗାଁକୁ ସାପ ଧରିବାକୁ ଯାଇଥିବା ସାପ ଧରାଳି



ଜିତେନ କୁମାର ପଧାନ(୨୫)ଙ୍କୁ ଗୁରୁବାର ନାଗ ସାପ କାମୁଡି ଦେଇଥିଲା। ଜିତେନ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ହୋଇଛନ୍ତି। ଶୁକ୍ରବାର ସେ ପୂର୍ବଭଳି ୪ଟି ସାପ ଉଦ୍ଧାର କରି ଜଙ୍ଗଲରେ ଛାଡିଥିବା ଜଣାପଡିଛି । ଜିତେନଙ୍କ ଘର ବରଗଡ ଜିଲାରେ । ସେ ସୁବର୍ଣ୍ଣପୁରରେ ରହି ଜଣାଶୁଣା ସାପ ଧରାଳି ପ୍ରମୋଦ ଦାଶିଆଙ୍କ ନିକଟରୁ ସାପ ଧରା ପ୍ରଶିକ୍ଷଣ ନେଉଛନ୍ତି । କବାଟତଳେଇ ଗାଁର ଜଣେ ବ୍ୟକ୍ତିଙ୍କ ବାଇକ୍ ଚେନ୍ ସକେଟ୍‌ରେ ନାଗ ସାପ ଥିବା ଜଣା ପଡିଥିଲା । ସୂଚନା ପାଇବା ପରେ ସାପ ଉଦ୍ଧାର ପାଇଁ ଜିତେନ ସଙ୍ଗେ ସଙ୍ଗେ ବାହାରି ପଡିଥିଲେ । ତେବେ ଧରିବା ସମୟରେ ଅସାବଧାନତା ବଶତଃ ସାପଟି ତାଙ୍କ ହାତକୁ କାମୁଡ଼ି ଦେଇଥିଲା। କିନ୍ତୁ ସାହାସ ନ ହରାଇ ସାପକୁ ପ୍ଲାଷ୍ଟିକ୍ ଜାରରେ ଭର୍ତ୍ତି କରି ଜିତେନ ସିଧା ସାପ ସହିତ ଚିକିତ୍ସାଳୟକୁ ଆସିଥିଲେ। ସୁସ୍ଥ ହେବା ପରେ ଉଦ୍ଧାର ହୋଇଥିବା ନାଗସାପକୁ ଜଙ୍ଗଲରେ ଛାଡିଥିଲେ। ତାଙ୍କର ସାହାସିକତାକୁ ସାଧାରଣରେ ପ୍ରଶଂସା କରାଯାଇଛି।




ଆଦିବାସୀ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଆଦିବାସୀଙ୍କ ସାମ୍ବିଧାନିକ ଅଧିକାରକୁ ଗୁରୁତ୍ୱ

ବରଗଡ଼,୧୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କଲଙ୍ଗାଡେରା ଗ୍ରାମରେ ନିଖିଳ ଉତ୍କଳ କୁଲି ମେହେର ସମାଜ ପକ୍ଷରୁ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମାଁ କରମସାନୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମ ଉପକଣ୍ଠରେ ଥିବା ପୋଖରୀରୁ କଳସ ଯାତ୍ରା ବାହାରି ପୂଜାସ୍ଥଳୀରେ ପହଞ୍ଚିଥିଲା। ସେଠାରେ ପାରମ୍ପରିକ ଅସ୍ତ୍ରଶସ୍ତ୍ରକୁ ପୂଜା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ସମାଜର ପ୍ରତିନିଧିବୃନ୍ଦ ଯୋଗଦାନ କରିଥିଲେ। ସମାଜର ରାଜ୍ୟ ସଭାପତି ଧନସିଂହ ମେହେର, ସାଧାରଣ ସମ୍ପାଦକ ବାବୁଲାଲ ମେହେର, ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ମେହେର, ସମ୍ବଲପୁର ଜିଲା ସଭାପତି ରାଧେଶ୍ୟାମ ମେହେର, ବରଗଡ଼ ଜିଲା ସଭାପତି କ୍ଷୀରେଶ୍ୱର ମେହେର, ସୋନପୁର ଜିଲା ସଭାପତି ଆନନ୍ଦ ମେହେର, ବଲାଙ୍ଗୀର ଜିଲା ସମ୍ପାଦକ ପ୍ରେମାନନ୍ଦ ମେହେର ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଆଦିବାସୀମାନଙ୍କ ସାମ୍ବିଧାନିକ ଅଧିକାର, ପ୍ରକୃତିର ସୁରକ୍ଷା ସହିତ ସ୍ୱତନ୍ତ୍ର ସଂସ୍କୃତି, ପରମ୍ପରାର ମୌଳିକତାର ସୁରକ୍ଷା, ପାରମ୍ପରିକ ଜ୍ଞାନର ସଂରକ୍ଷଣ, ସମ୍ପ୍ରସାରଣରେ ଆଦିବାସୀ ମହିଳାଙ୍କ ଭୂମିକା ଉପରେ ସେମାନେ ଆଲୋକପାତ କରିଥିଲେ। ମହାଦେବ ମେହେର, ସାରଥୀ ମେହେର, ଘନଶ୍ୟାମ ମେହେର, ଆନନ୍ଦ ମେହେର, ଈଶ୍ୱର ମେହେରଙ୍କ ସମେତ କଲଙ୍ଗାଡେରା ଗ୍ରାମବାସୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ସୁବଳୟା ହାଇସ୍କୁଲରେ ରେଡ୍‌କ୍ରସ୍ ୟୁନିଟ ଗଠିତ

ଅମରପାଲି,୧୧।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ହାଇସ୍କୁଲରେ ୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ଜୁନିୟର ରେଡକ୍ରସ ୟୁନିଟ ଶୁକ୍ରବାର ଦିନ ଗଠିତ ହୋଇଯାଇଛି।ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚଳିତ ଶିକ୍ଷାବର୍ଷରେ ଜୁନିୟର ରେଡକ୍ରସ ତରଫରୁ ହେବାକୁ ଥିବା କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା ହୋଇଥିଲା। ବରିଷ୍ଠ ଶିକ୍ଷକ ସଦାନନ୍ଦ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ଜୁନିୟର ରେଡକ୍ରସ ୟୁନିଟ ତରଫରୁ ସେବା କାର୍ଯ୍ୟ ଉଦ୍ଦେଶ୍ୟରେ ବିଭିନ୍ନ ପଦପଦବୀ ପାଇଁ ମନୋନୀତ କରାଯାଇଥିଲା। ସର୍ବସମ୍ମତି କ୍ରମେ ସମାପିକା ସାହୁ ଚେୟାର ପର୍ସନ, ଶିବାନୀ ମେହେର ଭାଇସ ଚେୟାର ପର୍ସନ, ପରିଣିତା ଦାଶ ସମ୍ପାଦିକା, ଲିଜାଲିନ ମେହେର ସହ ସମ୍ପାଦିକା, କ୍ଷୀରାବ୍ଧି ପୋଢ କମାଣ୍ଡର, ସୁଚିତ୍ରା ନାଏକ ଭାଇସ କମାଣ୍ଡର, ଜିନାରାଣୀ ମେହେର ସ୍ୱାସ୍ଥ୍ୟ ଓ ପରିମଳ ଗ୍ରୁପ ଲିଡର, ଆରତି ମେହେର ପାଣ୍ଠି ସଂଗ୍ରହ ଗ୍ରୁପ ଲିଡର, ଶୁଭଶ୍ରୀ ବେହେରାଙ୍କୁ ଅନ୍ତର୍ଜାତିକ ବନ୍ଧୁତ୍ୱ ଗ୍ରୁପ ଲିଡର ଭାବେ ମନୋନୀତ କରାଯାଇଥିଲା। ସ୍କୁଲର ସର୍ବମୋଟ ୩୧ଜଣ ଛାତ୍ରୀଛାତ୍ର ଜୁନିୟର ରେଡକ୍ରସ ୟୁନିଟରେ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲର ଜେଆରସି କାଉନସିଲର ତଥା ସୁବର୍ଣ୍ଣପୁର ସାଧନ କର୍ମୀ ଚନ୍ଦ୍ରମଣି ବାଘ ୨୦୨୨-୨୩ ଶିକ୍ଷାବର୍ଷର ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ଆଗାମୀ ବର୍ଷର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପ୍ରତିନିଧି ସାମ୍ପା ବିଶ୍ୱାଳଙ୍କ ସମେତ ସୁରେନ୍ଦ୍ର ପ୍ରସାଦ ପାଢୀ,ସାଗରିକା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।




ସୁବଳୟା ହାଇସ୍କୁଲର ନୂତନ ଭାବେ ଗଠିତ ରେଡକ୍ରସ ୟୁନିଟ ।

# ସହଯୋଗ କରିବ ସଂସ୍କୃତି ବିଭାଗ

ବରଗଡ଼,୧୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ରମାକାନ୍ତ ହରିପାଲ କିଛିଦିନ ତଳେ ଦୁର୍ଘଟଣାରେ ଗୁରୁତର ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ସେ ଇତିମଧ୍ୟରେ ନିଜ ଘରକୁ ଫେରିଛନ୍ତି ଏବଂ ବାସଭବନରେ ତାଙ୍କର ଚିକିତ୍ସା ଚାଲିଛି। ବର୍ତ୍ତମାନ ସୁଦ୍ଧା ରମାକାନ୍ତ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ପାରିନାହାନ୍ତି । ଶନିବାର ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ରମାକାନ୍ତଙ୍କ ବାସଭବନକୁ ଯାଇ ଭେଟିଥିଲେ। ଆଶୁ ଆରୋଗ୍ୟ କାମନା କରିବା ସହିତ ଚିକିତ୍ସାରେ ବାବଦରେ ହୋଇଥିବା ଖର୍ଚ୍ଚ ସଂସ୍କୃତି ବିଭାଗ ବହନ କରିବ ବୋଲି ସେ ପରିବାର ଲୋକଙ୍କୁ କହିଥିଲେ। ଏହାପୂର୍ବରୁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ, ମିଳିତ କଳାକାର ସଂଘ ସଭାପତି ଶଙ୍କର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆହତ ରମାକାନ୍ତଙ୍କୁ ଡାକ୍ତରଖାନାରେ ଦେଖା କରିବା ସହିତ ଚିକିତ୍ସା ଖର୍ଚ୍ଚ ଯୋଗାଇ ଦେବା ପାଇଁ ରାଜ୍ୟ ସଂସ୍କୃତି ସଚିବ ସତ୍ୟବ୍ରତ ପଣ୍ଡାଙ୍କୁ ନିବେଦନ କରିଥିଲେ। ରାଜ୍ୟ ସଂସ୍କୃତି ସଚିବ ଏବଂ ଜିଲା ସଂସ୍କୃତି ଅଧିକାରୀ ରମାକାନ୍ତଙ୍କୁ ସହଯୋଗର ହାତ ବଢ଼ାଇଥିବାରୁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ କୃତଜ୍ଞତା ଜ୍ଞାପନ କରିଛନ୍ତି ।



ରମାକାନ୍ତଙ୍କୁ ଜିଲା ସଂସ୍କୃତି ଅଧିକାରୀ ଭେଟୁଛନ୍ତି ।

# ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର,୧୧।୮(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ. ଲଳିତେନ୍ଦୁ ନାୟକ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ସରୋଜ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଶର୍ମିଳା ପଣ୍ଡା, ଅଧ୍ୟାପକ ପ୍ରଶାନ୍ତ ସିଦାର, ଅଧ୍ୟାପକ ଭୁବନେଶ୍ୱର ବରିହା ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ବିଭାଗୀୟ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀ ମିଲି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ଛାତ୍ରୀଙ୍କ ସଫଳତା

ବରଗଡ଼,୧୧।୮(ପ୍ରେମାନନ୍ଦ ଖମାରୀ)

ସ୍ୱାଧୀନତା ଦିବସ ଅବସରରେ ବରଗଡ଼ ସୌଖୀନ କଳାକାର ସଂଘ ପରିସରରେ ଜିଲାସ୍ତରୀୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକାଶ ଶିକ୍ଷାନୁଷ୍ଠାନର ଛାତ୍ରୀ ଅର୍ପିତା ଦାଶ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଏକକ ଅଭିନୟ ପ୍ରତିଯୋଗିତାରେ ବିକାଶ ଛାତ୍ରୀ ଅଲିଶା ଅଗ୍ରୱାଲ ପ୍ରଥମ, ଛାତ୍ର ଦୁର୍ଗାମାଧବ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି କୃତିତ୍ୱ ପାଇଁ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଏବଂ ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଅନ୍ୟ ପ୍ରତିଯୋଗୀ, ଅତିଥିଙ୍କ ଗହଣରେ କୃତୀ ଛାତ୍ରୀ ଅର୍ପିତା ।

# ଶିବତୁଲାରେ ଜୁନିୟର ରେଡକ୍ରସ ପରାମର୍ଶଦାତା ସମ୍ମିଳନୀ

ତରଭା/ସୋନପୁର,୧୧।୮
(ମାନଭଞ୍ଜନ ମିଶ୍ର/ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଶିବତୁଲାସ୍ଥିତ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟରେ ସୋନପୁର ଓ ତରଭା ବ୍ଲକ ଜୁନିୟର ରେଡକ୍ରସର ପରାମର୍ଶଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଏକ ଦିବସୀୟ କାର୍ଯ୍ୟକ୍ରମରେ ପରାମର୍ଶଦାତାଙ୍କ କାର୍ଯ୍ୟପନ୍ଥା ସ୍ଥିର ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜୁନିୟର ରେଡକ୍ରସ ଉପାଧ୍ୟକ୍ଷ ଗତିକୃଷ୍ଣ ମିଶ୍ର ଯୋଗଦେଇ ୬୨ଜଣ ପରାମର୍ଶଦାତା କିଭଳି ରେଡକ୍ରସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ପାରିବେ ସେ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁହାସିନୀ ଦଣ୍ଡସେନା ସଭାରେ ଅଧକ୍ଷତା କରିଥିଲେ। ସାଧନକର୍ମୀ ଝସକେତନ ମେହେର, ଚନ୍ଦ୍ରଶେଖର ମହାପାତ୍ର, ଆଶିଷ ନାଏକ ଓ ଗୋପେଶ ପଣ୍ଡା ପ୍ରମୁଖ ପ୍ରାଥମିକ ଚିକିତ୍ସା, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ରେଡକ୍ରସ ଆନ୍ଦୋଳନ ଭଳି ବିଭିନ୍ନ ବିଷୟରେ କାଉନସିଲରମାନଙ୍କୁ ତାଲିମ ଦେଇଥିଲେ। ବିଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶିବତୁଲା ଉଚ୍ଚ ବିଦ୍ୟାଳୟର ୨୬ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଜୁନିୟର ରେଡକ୍ରସ ୟୁନିଟ ଗଠନ କରାଯାଇଥିଲା।



ସମ୍ମିଳନୀରେ ସାମିଲ ହୋଇଥିବା ପରାମର୍ଶଦାତା ଓ ଅତିଥି ।

# ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

ବରଗଡ଼,୧୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଦେଓଗାଁ ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ କ୍ରୀଡ଼ା ଶିକ୍ଷକ ଗାନ୍ଧୀ ଦେବତା ଓ କିରାଣୀ ନାରାୟଣ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ର ବଳରାମ ପାଣ୍ଡେ ଏବଂ ସୁଧାଂଶୁ ଶତପଥୀ ମାନପତ୍ର, ଉପାୟନ ଦେଇ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ, କିରାଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ଚୁଙ୍ଗିଲାଲ ସେଠ, କମିଟି ସଦସ୍ୟ ଦିବାକର ରାଉତ, ସିମେଣ୍ଟନଗର କ୍ଲଷ୍ଟର ତରଫରୁ ଜଗଦାନନ୍ଦ ମିଶ୍ର, ଖଗେଶ୍ୱର ମହର, ଦୀନବନ୍ଧୁ ପଟେଲ ପ୍ରମୁଖ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଛାତ୍ରୀ ଲିଲି ଠାକୁର, ପ୍ରିୟଙ୍କା ପାଣ୍ଡେ ମାନପତ୍ର ପାଠ କରିଥିଲେ। ବିବେକାନନ୍ଦ ଜାଲ, ଦିଲୀପ ପଣ୍ଡା, ନିଗମାନନ୍ଦ ମିଶ୍ର, ପ୍ରତାପ ଦାଶ, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ହରିହର ପାଣ୍ଡେ, ପୂର୍ବତନ ସଭାପତି ପୁରୁଷୋତ୍ତମ ପାଣ୍ଡେ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ନିଶା ନିବାରଣ ଉପରେ ଆଲୋଚନାଚକ୍ର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ ।

ବରପାଲି,୧୧।୮(ଚିତ୍ତରଞ୍ଜନ ସାହୁ)

ନିଶା ଯୋଗୁ ପ୍ରତିଦିନ ହଜାର ହଜାର ଲୋକଙ୍କ ଅକାଳ ମୃତ୍ୟୁ ହେଉଛି। ଏଥିଯୋଗୁ ବହୁ ଶିଶୁ ଅନାଥ ହେଉଥିବା ବେଳେ ବହୁ ଘର ଉଜୁଡ଼ି ଯାଉଛି ବୋଲି ନିଶା ନିବାରଣ ଉପରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଶୁକ୍ରବାର ସ୍ଥାନୀୟ ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟରେ ଅରପନ ସଂସ୍ଥା ପକ୍ଷରୁ ନିଶା ନିବାରଣ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାତା ସରୋଜ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରପାଲି ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ସନ୍ତୋଷ ସାହୁ, ମହିଳା ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶ, ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା ଓ ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଜେଠୁ ଭୋଇ ଯୋଗଦେଇ ସମାଜରେ ନିଶା ନିବାରଣ ପାଇଁ ସଚେତନତାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଶିକ୍ଷକ ସଂଘର ଆନ୍ଦୋଳନ ଚେତାବନୀ

ବରଗଡ଼,୧୧।୮(ପ୍ରେମାନନ୍ଦ ଖମାରୀ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେଶନ ଅଧୀନ ବରଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଏକ ଜିଲାସ୍ତରୀୟ ବୈଠକ ଶୁକ୍ରବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ସଂଘର ପ୍ରତିନିଧିବୃନ୍ଦ ବିଭିନ୍ନ ଦାବି ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟର ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯିବା, ଶିକ୍ଷାକର୍ମୀ ଏବଂ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରିରେ ଗଣନା କରିବା, ଏକ୍ସ କ୍ୟାଡ଼ର ଶିକ୍ଷକ, ଗଣଶିକ୍ଷକ, କ୍ରୀଡ଼ା ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ପ୍ରଦାନ କରିବାକୁ ଦାବି ହୋଇଛି। ସେହିପରି ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, ପୁରୁଣା ପେନସନ ବ୍ୟବସ୍ଥା ପୁନଃ ପ୍ରଚଳନ କରାଯିବା, ଏକ୍ସ କ୍ୟାଡ଼ର ଶିକ୍ଷକମାନଙ୍କୁ କ୍ୟାଡ଼ରଭୁକ୍ତ କରାଯିବାକୁ ସଂଘ ଦାବି କରିଛି। ଏହି ଦାବି ନେଇ ରାଜ୍ୟ ସରକାର ବିହିତ ପଦକ୍ଷେପ ନ ନେଲେ ଶିକ୍ଷକମାନେ ଆସନ୍ତା ୧୬ତାରିଖରୁ ସମୂହ ଛୁଟିରେ ରହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବ ବୋଲି ନିଷ୍ପତ୍ତି ନେଇଛନ୍ତି। ସଂଘ ସଭାପତି ଶିବଲାଲ ସାହୁଙ୍କ ନେତୃତ୍ୱରେ ପ୍ରତିନିଧିବୃନ୍ଦ ଜିଲାପାଳଙ୍କ ଅଫିସକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ।



ବୈଠକରେ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିନିଧିବୃନ୍ଦ ।




## ଆଜି କ'ଣ କେଉଁଠି

ରାଉରକେଲା
- ମାସିକ ସାରସ୍ୱତ ସମାରୋହ, ଛେଣ୍ଡ ଗୋପବନ୍ଧୁ ପାଠାଗାର, ସନ୍ଧ୍ୟା ସାଢ଼େ ୬ଟା।
- ଜାତୀୟ କାର୍ଯ୍ୟକ୍ରମ, ଚ୍ୟାମ୍ବର ଅଫ୍ କମର୍ସ ପାନପୋଷ ରୋଡ୍, ସନ୍ଧ୍ୟା ସାଢ଼େ ୬ଟା।
- ସ୍କୁଲସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା, ସେକ୍ଟର-୨, ସକାଳ ୯ଟା।
- ଅଖିଳ ଭାରତୀୟ ଛାତ୍ର ସଂଘର ପ୍ରତିଷ୍ଠା ଦିବସ, ଉଦିତନଗର ଆଇଟିଡିଏ ହଲ, ଅପରାହ୍ନ ୩ଟା।
- ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କୁ ଭେଟିବେ ଗାଡ଼ାଟୋଲି ବସ୍ତି ବାସିନ୍ଦା, ଆର୍‌ଏମ୍‌ସି କାର୍ଯ୍ୟାଳୟ, ସକାଳ ୧୧ଟା।

## ସଂକ୍ଷେପରେ

### ତମ୍ବା ତାର ଚୋରି, ୨ ଗିରଫ



ରାଉରକେଲା, ୧୧।୮(ସଙ୍ଗୀତା ଜେନା) ରାଉରକେଲା ଇସ୍ପାତ କାରଖାନା(ଆରଏସପି)ରେ ଗୁରୁବାର ରାତିରେ ତମ୍ବାତାର ଚୋରି କରୁଥିବା ବେଳେ ଟାଙ୍ଗରପାଲ୍ଲୀ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେଓଗାଁ ଅଞ୍ଚଳର ସୁଖବିନ୍ଦର ସିଂ(୩୦) ଓ ବିନୋଦ ନାୟକ(୪୦)। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୭/୨୩) ଉଭୟଙ୍କୁ ଶୁକ୍ରବାର ରୁଜୁ କରି କୋର୍ଟଚାଲାଣ କରିଛି। ଚୋରିରେ ବ୍ୟବହୃତ ସ୍କୁଟି ଜବତ ହୋଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଦ୍ୱୟ କାରଖାନାକୁ ସ୍କୁଟିରେ ପଶି ପ୍ରାୟ ୪୦ କେଜି ତମ୍ବାତାର ଚୋରି କରୁଥିବା ବେଳେ ସୁରକ୍ଷାବଳଙ୍କ ହାତରେ ଧରାପଡ଼ିଥିଲେ।

### ଦୀପ ନିଆଁରେ ପୋଡ଼ି ଚିକିତ୍ସାଧୀନ ବୃଦ୍ଧା ମୃତ

ରାଉରକେଲା, ୧୧।୮(ସଙ୍ଗୀତା ଜେନା) ସଞ୍ଜ ଦୀପ ଦେଉଥିବା ବେଳେ ନିଆଁ ଲାଗିଯିବାରୁ ଝିରପାଣି ଥାନା ଅନ୍ତର୍ଗତ ଜଗଦା ଅଞ୍ଚଳର ଜଣେ ବୃଦ୍ଧା ପୋଡି ହୋଇ ଗୁରୁତର ଅବସ୍ଥାରେ ଆଇଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ହେଲେ ହେଲେ ମଞ୍ଜୁଲତା ନାୟକ(୭୩)। ଏ ନେଇ ଜଗଦା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯।୨୩) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଜଗଦା ଜେଇ-୨୦୦ ରେ ରହୁଥିବା ଅଜାମିଳ ନାୟକଙ୍କ ପତ୍ନୀ ମଞ୍ଜୁଲତା ଗୁରୁବାର ସନ୍ଧ୍ୟାରେ ଦୀପ ଦେଉଥିବା ବେଳେ ସେ ପୋଡ଼ିଯାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ବେଦବ୍ୟାସରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି।



ସରକାରୀ ଯୋଜନାରେ ସାମିଲ କରିବାକୁ ଶୁକ୍ରବାର ଆର୍‌ଏମ୍‌ସି କମିଶନରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଶିଳ୍ପାଞ୍ଚଳ ବସ୍ତିର ମହିଳାମାନେ।

# ସରକାରୀ ଯୋଜନାରୁ ବଞ୍ଚିତ ଶିଳ୍ପାଞ୍ଚଳ ବସ୍ତିବାସୀ

**ଆର୍‌ଏମ୍‌ସି କମିଶନରଙ୍କୁ ଦେଲେ ସ୍ମାରକପତ୍ର**

ରାଉରକେଲା,୧୧।୮(ଦିନେଶ ମିଶ୍ର)

ଆର୍‌ଏମ୍‌ସି ଅଧୀନ ୱାର୍ଡ ନଂ-୭ରେ ବାସ କରୁଥିବା ଶିଳ୍ପାଞ୍ଚଳ ବସ୍ତିବାସୀଙ୍କୁ ସରକାରୀ ଯୋଜନା ଅପହଞ୍ଚ ହୋଇପଡିଛି। ଏହାର ପ୍ରତିବାଦରେ ସେମାନେ ଶୁକ୍ରବାର ଆରଏମ୍‌ସି କମିଶନରଙ୍କୁ ଭେଟି ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବାକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ବସ୍ତିରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଏଠାକାର ଅଧିକାଂଶ ଲୋକ ଦିନ ମଜୁରିଆ ଭାବେ କାମ କରି ପରିବାର ପୋଷଣ କରନ୍ତି। ବସ୍ତିର ଭୋଟର ନିର୍ବାଚନରେ ମତଦାନ କରିଥାନ୍ତି। କିନ୍ତୁ ଉକ୍ତ ବସ୍ତିବାସୀଙ୍କୁ ଆଜିଯାଏ କୌଣସି ସରକାରୀ ଯୋଜନାରେ ସାମିଲ କରାଯାଇନାହିଁ। ବର୍ତ୍ତମାନ ରାଉରକେଲାର ବିଭିନ୍ନ ବସ୍ତିରେ ଅର୍ବାନ ଷ୍ଟେଟ ହାଉସିଂ ସ୍କିମ୍ (ଉଷା) ସର୍ଭେ ଚାଲିଥିବାବେଳେ ଏହି ବସ୍ତିଟି ସେଥିରୁ ସମ୍ପୂର୍ଣ୍ଣ ବାଦ୍ ପଡିଛି ବୋଲି ଅଭିଯୋଗ ହୋଇଛି। ବସ୍ତି ଭିତରେ କୌଣସି ଗୋଷ୍ଠୀ ଶୌଚାଳୟ ଓ ବିଦ୍ୟୁତ ସଂଯୋଗୀକରଣ ହୋଇନାହିଁ। ତେଣୁ ଉକ୍ତ ବସ୍ତିର ଲୋକଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସିଡବ୍ଲ୍ୟୁଏସ୍‌ର ଫାଦର ବେନସନ୍ କାପିଟର, ପ୍ରଫୁଲ୍ଲ ଲାକ୍ରା, ବନିତା ଜେନା, ସୁନିତା ଭଗତ, ରୀନା ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

# ୨୦୧୬ରୁ ହୋଇନି ହାତୀ ଗଣନା

**ରାଉରକେଲା ବନଖଣ୍ଡ**

**ଆଜି ଜାତୀୟ ହାତୀ ଦିବସ**

ରାଉରକେଲା,୧୧।୮(ସଙ୍ଗୀତା ଜେନା)

ଅଗଷ୍ଟ ୧୨ ତାରିଖ ହେଉଛି ଜାତୀୟ ହାତୀ ଦିବସ। ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଜଙ୍ଗଲ ପରିମାଣ କମୁଥିବାରୁ ହାତୀପଲ ଜନବସତି ମୁହାଁ ହୋଇଛନ୍ତି। ଏବେ ସେମାନଙ୍କ ସୁରକ୍ଷା ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏହି ବିଶାଳକାୟ ପ୍ରାଣୀ ପାଇଁ ପ୍ରାୟ ସବୁ ଦେଶରେ କଠୋର ଆଇନ କାନୁନ ଥିବାବେଳେ କ୍ରମାଗତ ଭାବେ ହାତୀ ଶୀକାର ଯୋଗୁ ସେମାନଙ୍କ ସଂଖ୍ୟା କମିବାରେ ଲାଗିଛି। ସୁରକ୍ଷା ଦୃଷ୍ଟିକୋଣରୁ ହାତୀ ସମ୍ପର୍କରେ ଜନସଚେତନତା କରାଯାଉଛି। ତେବେ ସବୁ ବନାଞ୍ଚଳରେ ପ୍ରତ୍ୟେକ ୨ବର୍ଷରେ ଥରେ ହାତୀ ଗଣନା କରାଯିବା କଥା। କିନ୍ତୁ ୨୦୧୬ପରେ ଏହି ଗଣନା କରାଯାଇନାହିଁ। ଫଳରେ ପ୍ରକୃତିପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି ହାତୀମାନଙ୍କ ବେକରେ ଲାଗିବାକୁ ଥିବା 'ଜିପିଆରଏସ କଲାର' ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିନାହିଁ।

ସୂଚନା ଅନୁସାରେ, ରାଉରକେଲା ବନଖଣ୍ଡରେ ବିଶ୍ରା ବ୍ଲକ ମହିପାଣି, ଲାଠିକଟା ପଞ୍ଚାୟତ, କୁଆଁରମୁଣ୍ଡା, ବିରକେରା, କଚାରୁ, ରାଜଗାଙ୍ଗପୁରର ସାଗଜୋର, ବିରମିତ୍ରପୁରର ହାତୀବାରି, ରାଏବୋଗା ଆଦି ଅଞ୍ଚଳରେ ସାଧାରଣତଃ ହାତୀପଲ ସକ୍ରିୟ ଥିବା ଦେଖିବାକୁ ମିଳିଥାଏ। ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳରେ ହାତୀମାନଙ୍କ ବିଚରଣ ଓ ଚଳପ୍ରଚଳର ସମସ୍ତ ବିବରଣୀ ମୋବାଇଲ ଯୋଗେ ଆଲର୍ଟ କରାଯାଉଛି। ରେଳପଥରେ ହାତୀ ଦୁର୍ଘଟଣା ରୋକିବା ପାଇଁ ପ୍ରତ୍ୟେକ ମାସରେ ରେଳବାଇ ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ବୈଠକ କରାଯାଉଛି। ବିଜୁଳି ବିଭାଗ ସହ ବୈଠକ କରାଯାଉଛି। ସେହିପରି ବିଶ୍ରା-ଜରେଇକେଲା, ବନ୍ଧମୁଣ୍ଡା, ରାଜଗାଙ୍ଗପୁର, ଚାନ୍ଦିପୋଷ ଅଞ୍ଚଳରେ ରେଳ ଚଳାଚଳ ଉପରେ ସତର୍କତା ଅବଲମ୍ବନ କରାଯାଉଛି। ହାତୀ ଚଳାଚଳ ହେଉଥିବା ସ୍ଥାନଗୁଡ଼ିକରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସତର୍କ କରାଯାଉଛି। ବନାଞ୍ଚଳରେ ୧୭୦ ଫରେଷ୍ଟ ପ୍ରୋଟେକ୍ସନ ସ୍କ୍ୱାର୍ଡ ଓ ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ ନିୟୋଜିତ କରାଯାଇଛି। ରାଉରକେଲା ବନଖଣ୍ଡରେ ପ୍ରାୟ ୨୫ଟି ହାତୀ ରହିଛନ୍ତି। ଏ ନେଇ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ କୁହନ୍ତି, ରାଉରକେଲା ଏକ ଶିଳ୍ପ ସହର। ହାତୀପଲ ଝାଡ଼ଖଣ୍ଡରୁ ବିଶ୍ରା ବ୍ଲକ ଦେଇ ଏଠାରେ ପଶିଥାନ୍ତି। ଖରାମାସ ବା ଫସଲ ଉତ୍ପାଦନ ସମୟରେ ସେମାନଙ୍କ ସକ୍ରିୟତା ଅଧିକ ଦେଖାଯାଇଥାଏ। ଏଥିପାଇଁ ସ୍କ୍ୱାର୍ଡମାନେ ନିରନ୍ତର ତନଖି କରୁଛନ୍ତି। ହାତୀଙ୍କ ସମସ୍ତ କାର୍ଯ୍ୟକଳାପ ଓ ଉପସ୍ଥିତି ଅବଗତ ହେବା ପାଇଁ ହାତୀପଲର ମୁଖ୍ୟ ହାତୀ ବେକରେ ଜିପିଆର୍‌ଏସ୍ କଲାର ଲଗାଇବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ହାତୀ ଆକ୍ରମଣରେ କ୍ଷୟକ୍ଷତି ହେଲେ ଲୋକଙ୍କୁ କ୍ଷତିପୂରଣ ଦେବା ବ୍ୟବସ୍ଥା ରହିଛି। ଜଙ୍ଗଲ ସୁରକ୍ଷାକୁ ଖିଲାପ କରୁଥିବା ଶିକାରୀ ଓ ସ୍ଥାନୀୟଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଡିଏଫ୍‌ଓ ସେଠୀ କହିଥିଲେ।

# ଉତ୍କଳ ମହିଳା ସମିତି ପାଳିଲା ଜାତୀୟ ହସ୍ତତନ୍ତ ଦିବସ



କାର୍ଯ୍ୟକ୍ରମରେ ସମିତିର ସଦସ୍ୟାଗଣ।

ରାଉରକେଲା,୧୧।୮(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଉତ୍କଳ ମହିଳା ସମିତି ତରଫରୁ ଛେଣ୍ଡଠାରେ ଜାତୀୟ ହସ୍ତତନ୍ତ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସଭାନେତ୍ରୀ ସବିତା ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାବିତ୍ରୀ ଦାସ, ନମିତା ଆଚାର୍ଯ୍ୟ, ଗୀତା ସେନାପତି, ଇନ୍ଦିରା ମହାନ୍ତି, ଗୀତା ମିଶ୍ର, ମଞ୍ଜୁବାଳା ମହାପାତ୍ର, ନନ୍ଦିତା ପାତ୍ର, ସୁଜାତାରାଣୀ ମହାପାତ୍ର, ସୁଜାତା ଷଡଙ୍ଗୀ, ରଶ୍ମିତା ସାହୁ, ସ୍ନିଗ୍ଧା ସାମନ୍ତରାୟ, ସୁପ୍ରିୟା ମହାନ୍ତି, ପ୍ରୀତି ସାହୁ, ଶର୍ମିଳା ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ହସ୍ତତନ୍ତ କଳା କିପରି ଦେଶ ବିଦେଶରେ ବହୁଳ ପ୍ରଚାର ପ୍ରସାର କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ହସ୍ତତନ୍ତ ବସ୍ତ୍ର ବହୁଳ ଭାବେ ବ୍ୟବହାର କରି ବୁଣାକାର କାରିଗରଙ୍କୁ ପ୍ରୋତ୍ସାହିତ କରିବା ସହିତ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ସମସ୍ତଙ୍କ ନୈତିକ କର୍ତ୍ତବ୍ୟ ବୋଲି ସେମାନେ ମତ ଦେଇଥିଲେ। ସୁପ୍ରଭା ସାହୁ ଓ ଅନିମା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲାକୁ ବିଶ୍ୱସ୍ତରୀୟ ରେଳମଣ୍ଡଳ ମାନ୍ୟତା ମିଳୁ




ଚକ୍ରଧରପୁର ରେଳମଣ୍ଡଳ ସଭା ଗୃହରେ ବୈଠକ ଚାଲିଛି। (ଫଟୋ: ବିବେକ)

ରାଉରକେଲା,୧୧।୮(ସଙ୍ଗୀତା ଜେନା)

ଚକ୍ରଧରପୁର ରେଳ ମଣ୍ଡଳ ସଭା ଗୃହରେ ଡିଆରଏମଙ୍କ ଡାକରାରେ ମଣ୍ଡଳସ୍ତରୀୟ ସଦସ୍ୟଙ୍କୁ ନେଇ ଡିଆର୍‌ୟୁସିସି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ବୈଠକରେ ଏଡିଆରଏମ ବିନୟ କୁଜୁରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ନୂଆଦିଲ୍ଲୀ ରେଲୱେ ବୋର୍ଡ ଦ୍ୱାରା ନିଯୁକ୍ତ ଡିଆର୍‌ୟୁସିସି ସଦସ୍ୟ ସୁବାସ ଚନ୍ଦ୍ର ଲେଙ୍କା ଉଭୟ ରାଉରକେଲା ଓ ଝାରସୁଗୁଡ଼ା ଷ୍ଟେଶନରେ ଥିବା ସମସ୍ୟା ଉପସ୍ଥାପନା କରିଥିଲେ। ରାଉରକେଲାରେ ଫୁଟ ଓଭରବ୍ରିଜ ପାସେଞ୍ଜରଙ୍କ ପାଇଁ ଖୋଲିବା, ଅକ୍ଷମ ଓ ରୋଗୀମାନଙ୍କ ପାଇଁ ଏକ୍ସିଲେଟର ଏବଂ ଲିଫ୍ଟ ଖୋଲାଯିବା, ପ୍ଲାଟଫର୍ମ ନଂ ୫ ଓ ୬କୁ ଶୀଘ୍ର କାର୍ଯ୍ୟକ୍ଷମ କରିବା, ହୁଇଲ ଚେୟାର ବ୍ୟବସ୍ଥା, ମୋଟରଯାନ ଷ୍ଟାଣ୍ଡ ଭଡ଼ା ଧାର୍ଯ୍ୟ କରାଯିବାକୁ ଦାବି ହୋଇଥିଲା। ସେହିପରି ଲେଙ୍କା ଝାରସୁଗୁଡ଼ା ଷ୍ଟେଶନରେ ନୂତନ ପ୍ଲାଟଫର୍ମ ୪ ଓ ୫ କାର୍ଯ୍ୟକ୍ଷମ ଓ ଅନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହାବ୍ୟତୀତ ଭଦ୍ରକକୁ ଯୋଡା ଇଣ୍ଟରସିଟି ଚଳାଇବା, ରାଉରକଲୋ ଇଣ୍ଟରସିଟିକୁ ଟାଟା ନଗର ପର୍ଯ୍ୟନ୍ତ ବୃଦ୍ଧି କରିବା ଆଦି ପ୍ରସ୍ତାବ ଦିଆଯାଇଥିଲା। ବୈଠକରେ ସିନିୟର ଡିପିଓ, ସିନିୟର ଡିସିଏଙ୍କ ସମେତ ୩୫ରୁ ଊର୍ଦ୍ଧ୍ୱ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ୪୮୦ ଆଧାର ଅଭିଯୋଗ ସମାଧାନ ହେଲା

ରାଉରକେଲା,୧୧।୮(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଆଧାର ଅଭିଯୋଗ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ମହାନଗର ନିଗମ ଆୟୁକ୍ତ ଡ. ଶୁଭଙ୍କର ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ୟୁଆଇଡିଏଆଇ (ଆଧାର) ନିର୍ଦ୍ଦେଶକ ପ୍ରଶାନ୍ତ କାକରଙ୍କ ତତ୍ତ୍ୱାବଧାନରେ ଶିବିରକୁ ୟୁଆଇଡିଆଇ ସହକାରୀ ପରିଚାଳକ ସୌମ୍ୟରଞ୍ଜନ ସିଂ, ଜିଲା ପରିଚାଳକ ପ୍ରଶାନ୍ତ କୁମାର ମାହାନ୍ତ ପରିଚାଳନା କରିଥିଲେ। ଶିବିରରେ ୮ଜଣ ଆଧାରକାର୍ଡ ସଂଶୋଧନ ଅପରେଟରଙ୍କ ମାଧ୍ୟମରେ ଆଧାରକାର୍ଡଧାରୀଙ୍କ ଜନ୍ମତାରିଖ, ନାମ, ଠିକଣା, ଲିଙ୍ଗ ଏବଂ ଫୋନ ନମ୍ବର ଆଦି ତ୍ରୁଟି ସଂଶୋଧନ କରାଯାଇଥିଲା। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଶିବିରରେ ମୋଟ୍ ୪୮୦ ଜଣଙ୍କ ଆଧାର ଅଭିଯୋଗର ସମାଧାନ ହୋଇଥିଲା। ଶିବିରଟି ଗୋଟିଏ ଦିନ ପାଇଁ ହୋଇଥିବାରୁ ବହୁ ଲୋକ ନିଜ ଅଭିଯୋଗର ସମାଧାନ କରାଇ ନ ପାରି ଫେରିଥିବା ଦେଖିବାକୁ ମିଳିଥିଲା। ପ୍ରଶାନ୍ତ କୁମାର ମହାନ୍ତ ଶିବିର ଉଦ୍‌ଯାପନୀ ଘୋଷଣା କରିଥିଲେ।

# ଗାୟତ୍ରୀ ଶକ୍ତିପୀଠରେ ଜଡ଼ିବୁଟି ଦିବସ



ରାଉରକେଲା, ୧୧।୮(ସଙ୍ଗୀତା ଜେନା)

ସେକ୍ଟର-୨ ଗାୟତ୍ରୀ ଶକ୍ତିପୀଠରେ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମ ସପ୍ତାହ ଉପଲକ୍ଷେ ଗୁରୁବାର ସୁନ୍ଦରଗଡ଼ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଜଡ଼ିବୁଟି ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରଶିକ୍ଷିକା ରଞ୍ଜିତା ପାଣିଗ୍ରାହୀ, କଳ୍ପନା କୁମ୍ଭାରଙ୍କ ନେତୃତ୍ୱରେ ସମିତିର ଜିଲା ପ୍ରଭାରୀ ଅକ୍ରୁର ମାର୍ଥା, ଗଙ୍ଗାଧର ଦାଶଙ୍କ ସମେତ କମ୍ୟୁନିଟି ସେଣ୍ଟର ଯୋଗ ଶିବିରର ସଦସ୍ୟମାନେ ଜଡ଼ିବୁଟି ଚାରା ରୋପଣ କରିଥିଲେ। ସେହିପରି ସେକ୍ଟର-୬, ସେକ୍ଟର-୧୩, ସେକ୍ଟର-୨୦ କମ୍ୟୁନିଟି ସେଣ୍ଟର, ସାରଳା ମନ୍ଦିର ପରିସରରେ ଜଡ଼ିବୁଟି ଚାରା ରୋପଣ ଓ ବଣ୍ଟନ କରାଯାଇଥିଲା। ଏହି କ୍ରମରେ ଜିଲାରେ ଥିବା ୧୯ଟି ତହସିଲରେ ଏହି ଚାରାରୋପଣ କରାଯାଇଛି।

# ଦେଶ କଲ୍ୟାଣ ପାଇଁ ଶପଥ ନେଲେ

**ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ**

ରାଉରକେଲା,୧୧।୮(ବିପ୍ଲବ ରଞ୍ଜନ ଦାଶ)

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜର ରାଷ୍ଟ୍ରୀୟ ସେବା ଯୋଜନା ସଂଯୁକ୍ତ ଶାଖା ପକ୍ଷରୁ ଶୁକ୍ରବାର ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷା ସୁଜାତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସ୍ଥଳ ସେନା ଶସ୍ତ୍ର ପ୍ରଶିକ୍ଷକ ପ୍ରଭାତ କୁମାର ଜେନା ମୁଖ୍ୟଅତିଥି, ପ୍ରାକ୍ତନ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁମନ ଦତ୍ତ ବରେଣ୍ୟ ଅତିଥି, ଡ. ସୁମନ ଦତ୍ତ, ଡ. ରବୀନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍ୱେଚ୍ଛାସେବୀ ସୁଶ୍ରୀରେଖା ବେହେରା, ସନ୍ଧ୍ୟାରାଣୀ ବେହେରା, ସୋନାଲି ମହାନନ୍ଦ ଓ ଭାରତୀ ବେହେରା ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଦେଶ ପ୍ରତି ପ୍ରେମ ଭାବ ଚିରସ୍ରୋତା ନଦୀ ପରି ହେବା ଉଚିତ। ମାଟିର ସେବା ମା'ର ସେବା ମନେ କରି ସମସ୍ତେ ଦେଶ ହିତରେ ନିୟୋଜିତ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। କଲେଜ ଅଧକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ଶପଥପାଠ କରାଇଥିଲେ। ପ୍ରୋଗ୍ରାମ ଅଫିସର ଅଧାପକ କରୁଣାକର ପାଟ୍ଟଶାଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପିକା ରଶ୍ମିପ୍ରଭା ମଥାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ସ୍ୱେଚ୍ଛାସେବୀ ଅଜୟ ଗୋଡ, ବିଶାଳ କୁମାର ରାମ, ଅରୁଣ କୁମାର ମହାନ୍ତି, ନୟନ ଆଚାର୍ଯ୍ୟ, ଶିବମ ସିଂ, ଅଶୋକ କିଷାନ, ଶୁଭମ ଲୋହାର, ସାହିଲ ଶର୍ମା, ଐଶ୍ୱର୍ଯ୍ୟା ସାହୁ, ଚନ୍ଦା ବାରିକ, ମମତା କିଷାନ, ଲିପ୍ସା ବଲିୟାରସିଂ, ରାଜଲକ୍ଷ୍ମୀ ସାହୁ, ସୌଦାମିନୀ ବେହେରା, ଅଙ୍କିତା ପାତ୍ର, ମନମୋହନ ଦାଶ, ପ୍ରକାଶ ଓଝା ଏବଂ ଗୋପାଳକୃଷ୍ଣ ଦାଶ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ ଶପଥ ପାଠ କରୁଛନ୍ତି।

# ୩ ଦଫା ଦାବିରେ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ

ରାଉରକେଲା,୧୧।୮(ଦିନେଶ ମିଶ୍ର)

ସିଡବ୍ଲ୍ୟୁଏସ୍ ପରିଚାଳିତ ବିଧବା କୋର୍ କମିଟି ପକ୍ଷରୁ ୩ ଦଫା ଦାବିରେ ଶୁକ୍ରବାର ଉଦିତନଗର ସ୍ଥିତ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ କମିଟିର ଶତାଧିକ ସଦସ୍ୟ ଯୋଗଦେଇ ବିଧବା ମହିଳାମାନଙ୍କୁ ମିଳୁଥିବା ମାସିକ ଭତ୍ତା ୫ଶହ ଟଙ୍କା ପରିବର୍ତ୍ତେ ୩ ହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବି କରିଥିଲେ। ଏଥିସହ ଯୋଗ୍ୟ ବିଧବା ମହିଳାଙ୍କୁ ରାଶନ କାର୍ଡ ସୁବିଧା ଓ ବିଜୁ ସ୍ୱାସ୍ଥ୍ୟକାର୍ଡ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଥିଲା। ୨୦୨୨ ସେପ୍ଟେମ୍ବର ୨୮ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଏହି ୩ଟି ସମସ୍ୟା ନେଇ କମିଟି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଆଜିଯାଏ ଏ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଅନ୍ୟ ରାଜ୍ୟମାନଙ୍କରେ ବିଧବା ଭତ୍ତା ବୃଦ୍ଧି ପାଇଥିବାବେଳେ ଓଡିଶାରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେମାନେ ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ କମିଟି ପକ୍ଷରୁ ଏଡିଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଏହା କାର୍ଯ୍ୟକାରୀ ନ ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କମିଟି ଚେତାବନୀ ଦେଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ କମିଟିର ସଭାପତି ସୁଜାତା ସାମନ୍ତ ରାୟ, ଶିଖାରାଣୀ ବିଶୋଇ, ଚନ୍ଦ୍ରମା ସେଠୀ, ବନ୍ଦିତା ଜେନା, ଗୁରୁବାରି ପ୍ରଧାନ, ତାରା ବେହେରା, ଶାନ୍ତି ରାୟ, ଶଶୀରେଖା ବାରିକ, ଉର୍ମିଳା ଏକ୍କା, ବାବି ସିଂ, ଆସ୍ରିତା ଲାକ୍ରା, ସୁକାନ୍ତି ଭୂମିଜ ପ୍ରମୁଖ ସାମିଲ ହୋଇଥିଲେ।



ରାଉରକେଲା ଏଡିଏମ୍‌ଙ୍କ ଅଫିସ ଆଗରେ ଉପସ୍ଥିତ ବିଧବା ମହିଳାଗଣ।

**କଫ୍ ସିରପ ଜବତ, ୫ ଗିରଫ**

ସମ୍ବଲପୁର,(ଶୁଭାଶିଷ ପାଢ଼ୀ): ସମ୍ବଲପୁର ଟାଉନ ଥାନା ପୋଲିସ ଶୁକ୍ରବାର ଚଢ଼ାଉ କରି କଫ୍ ସିରପ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅଇଁଠାପାଲି ଥାନା ଶାନ୍ତିନଗରର ସୁଶାନ୍ତ ମେହେର, ଧନୁପାଲି ଥାନା ସାକ୍ଷୀପଡାର ଶୁଭମ ଗୁପ୍ତା, ଟାଉନ ଥାନା ଫାଟକର ରାହୁଲ ସୁନା, ଟିଙ୍କୁ ଛତର ଓ ସୋନୁ ଯାଦବ। ଅଭିଯୁକ୍ତମାନଙ୍କଠାରୁ ୬ ଶହ ବୋତଲ କଫ୍ ସିରପ, ୫ ମୋବାଇଲ, ନଗଦ ୨୨ ଶହ ଟଙ୍କା ଜବତ ହୋଇଥିବା ପୋଲିସ କହିଛି।

## ସଂକ୍ଷେପରେ

### ହରିହର ଅନାଥାଶ୍ରମରେ ବୃକ୍ଷରୋପଣ

କୁଚିଣ୍ଡା,୧୧।୮(ବିରଞ୍ଚି ଦର୍ଭା)

କୁଚିଣ୍ଡା ସହରସ୍ଥିତ ହରିହର ଅନାଥାଶ୍ରମ ଓ ଶ୍ରୀକୃଷ୍ଣ ଗୋଶାଳାରେ ଶୁକ୍ରବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅମିତାଭ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣର ଶୁଭାରମ୍ଭ କରିଥିଲେ। କୁଚିଣ୍ଡା ମାରୱାଡ଼ି ଯୁବା ମଞ୍ଚ ଓ ମାରୱାଡ଼ି ମହିଳା ସମିତି ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ବିଭିନ୍ନ କିସମର ଏକଶହ ଚାରା ରୋପଣ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ରାଜେନ୍ଦ୍ର ସୋନି, କୈଳାସ ଅଗ୍ରୱାଲ, ଅରୁଣ ଅଗ୍ରୱାଲ, ରାଜେଶ ଶର୍ମା, ରାହୁଲ ଅଗ୍ରୱାଲ, ସୌରଭ କର, ରାମଲାଲ ଅଗ୍ରୱାଲ, ଶଙ୍କରଶମ୍ଭୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଖବରଦାତା କୁମାର ହସନଙ୍କୁ ଶ୍ରଦ୍ଧାଞ୍ଜଳି

କୁଚିଣ୍ଡା,୧୧।୮(ବିରଞ୍ଚି ଦର୍ଭା)

ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ଗୁରୁବାର କ୍ରାନ୍ତିଦିବସ ଅବସରରେ କୁଚିଣ୍ଡା ଆଦିବାସୀ ଭବନରେ ସାହିତ୍ୟିକ ତଥା ଖବରଦାତା ସ୍ୱର୍ଗତ କୁମାର ହସନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ଆବାହକ ପ୍ରଭାତ ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଅଧ୍ୟାପକ ସତ୍ୟନାରାୟଣ ପଟେଲ, ସୁଧୀର ନାୟକ, ଶିକ୍ଷକ ପ୍ରମୋଦ ଚୌଧୁରୀ, ଖବରଦାତା ସନ୍ତୋଷ ପଟେଲ, ରମାକାନ୍ତ ମହାକୁଳ, ଅତୁଲ ଅଗ୍ରୱାଲା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ହସନଙ୍କ ଜୀବନୀ ଓ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଶେଷରେ ସଂଯୋଜକ ରମେଶ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

### ରୌପ୍ୟ ବିଜେତା ଅଂଶୁମାନଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୧୧।୮(ଶୁଭାଶିଷ ପାଢ଼ୀ)

ଅନ୍ତର୍ଜାତୀୟ ସଫ୍ଟଟେନିସ୍ ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜେତା ସମ୍ବଲପୁରର ଅଂଶୁମାନ ବାବୁ ଶୁକ୍ରବାର ସମ୍ବଲପୁର ଫେରିବା ପରେ ସିଟି ଷ୍ଟେଶନରେ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗତମାସ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡର ପଟ୍ଟାୟାଠାରେ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଥିଲା। ୨୧ ବର୍ଷରୁ କମ୍ ବର୍ଗରେ ଅଂଶୁମାନ ଏଥିରେ ଭାଗନେଇଥିଲେ।

### ବିଦେଶୀ ମଦ ଦୋକାନରେ ଗଣ୍ଡଗୋଳ

ସମ୍ବଲପୁର,୧୧।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ତର୍ଗତ ବ୍ଲକ ରାସ୍ତାରେ ଥିବା ବିଦେଶୀ ମଦ ଦୋକାନରେ କୌଣସି କାରଣକୁ ନେଇ ଶୁକ୍ରବାର ଗଣ୍ଡଗୋଳ ହୋଇଥିଲା। ମଦ ଦୋକାନ କର୍ମଚାରୀଙ୍କ ଅଭିଯୋଗ କ୍ରମେ ପୋଲିସ ପହଞ୍ଚି ଦୋକାନରେ ଲାଗିଥିବା ସିସିଟିଭି ଜବତ କରିଥିଲା। ପରେ ଉଭୟ ପକ୍ଷଙ୍କୁ ଥାନାକୁ ଆଣି ବ୍ୟକ୍ତିଗତ ଚୁକ୍ତିନାମା ଲେଖିବା ପରେ ପୋଲିସ ଛାଡି ଦେଇଥିଲା। ଏ ସମ୍ପର୍କରେ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ଗଡନାୟକ କହିଛନ୍ତି, ମଦ ଦୋକାନରେ ଗଣ୍ଡଗୋଳ ନେଇ ସୂଚନା ଆସିଥିଲା। ପୋଲିସ ପହଞ୍ଚିବା ପରେ ଉଭୟ ପକ୍ଷ ମଧ୍ୟରେ ଆପୋସ ବୁଝାମଣା ହୋଇଯାଇଥିବା କହିଥିଲେ।

# ଝାରସୁଗୁଡ଼ାରେ କମ୍ପାନୀ, ସମ୍ବଲପୁରରେ ପାଉଁଶଗଦା

ସମ୍ବଲପୁର,୧୧।୮(ଶୁଭାଶିଷ ପାଢ଼ୀ)

- ନଷ୍ଟ ହେବାକୁ ବସିଛି ଚାଷଜମି, ଗ୍ରାମ୍ୟ ଜଙ୍ଗଲ
- ପଦକ୍ଷେପ ନେବାକୁ ଆର୍‌ଡିସିଙ୍କୁ ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ଜାଗରଣ ଅନୁଷ୍ଠାନର କର୍ମକର୍ତ୍ତା।

ଝାରସୁଗୁଡ଼ା ଜିଲାରେ କମ୍ପାନୀ ଥିବାବେଳେ ସେଠାକାର ଲୋକ ଚାକିରି ପାଇ ରୋଜଗାରକ୍ଷମ ହେଉଛନ୍ତି। ହେଲେ କମ୍ପାନୀ କାରଖାନାରୁ ବାହାରୁଥିବା ପାଉଁଶ ସମ୍ବଲପୁର ଜିଲାରେ ଗଦା କରାଯାଉଛି। ଫଳରେ ଜିଲାର ଗ୍ରାମାଞ୍ଚଳ ଓ ମହାନଗର ନିଗମ ଅଞ୍ଚଳ ପ୍ରଦୂଷିତ ହେବାରେ ଲାଗିଛି। ବିନା ଅନୁମତିରେ ସରକାରୀ ଓ ରୟତି ଜମିରେ ପାଉଁଶ ପକାଯାଉଥିବାରୁ ଚାଷଜମି, ଗ୍ରାମ୍ୟ ଜଙ୍ଗଲ ନଷ୍ଟ ହେବାକୁ ବସିଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ଏହି ବେଆଇନ କାର୍ଯ୍ୟ ବନ୍ଦ କରାଯାଉ ବୋଲି ସାମାଜିକ ଅନୁଷ୍ଠାନ ଜାଗରଣ ପକ୍ଷରୁ ଦାବି କରାଯାଇଛି। ଆର୍‌ଡିସି ଅଫିସ ସମ୍ମୁଖରେ ଶୁକ୍ରବାର ଅନୁଷ୍ଠାନର କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରି ଆର୍‌ଡିସିଙ୍କ ସଚିବ ସୁକାନ୍ତ ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ବେଦାନ୍ତ କମ୍ପାନୀ ଓ ଟ୍ରାନ୍ସପୋର୍ଟର ବିରୋଧରେ ସ୍ଲୋଗାନ ମଧ୍ୟ ଦେଇଥିଲେ।

ସେମାନେ ଅଭିଯୋଗ କରିଥିଲେ, ପ୍ରାୟ ଏକମାସ ପୂର୍ବରୁ ଯୁଯୁମୁରା ତହସିଲ ନୀଳଡୁଙ୍ଗୁରୀଠାରେ ଝାରସୁଗୁଡ଼ା ଜିଲା ବେଦାନ୍ତ କମ୍ପାନୀରୁ ବାହାରୁଥିବା ପାଉଁଶ (ଫ୍ଲାଏଆଶ) ପକାଯାଇଥିଲା। କେଟିସି ନାମକ ଏକ କମ୍ପାନୀ ପାଉଁଶ ପକାଉଥିବା ସମୟରେ ଅଞ୍ଚଳବାସୀ ଗାଡି ଅଟକ ରଖି ପୋଲିସ ଜିମା ଦେଇଥିଲେ। ପୋଲିସ ମଧ୍ୟ ଏକ ମାମଲା ରୁଜୁ କରିଛି। ଏବେ ମାନେଶ୍ୱର ତହସିଲ ହାଲିପାଲି ମୌଜାରେ ଏକ ପଥର ଖାଦାନ ଫ୍ଲାଏଆଶରେ ପୋତାଯାଉଛି। ଏହି ପଥର ଖାଦାନ ପୋତିବାକୁ କିଏ ଅନୁମତି ଦେଲା ବୋଲି ପ୍ରଶ୍ନ କରିଥିଲେ। ଜାଗରଣ ଅନୁଷ୍ଠାନ ସଭାପତି ସୁଧୀର ରଞ୍ଜନ ବହିଦାର କହିଛନ୍ତି, ସମ୍ବଲପୁର ଜିଲା ବାୟୁ ପ୍ରଦୂଷଣମୁକ୍ତ ରହିଥିଲା। ଏବେ ଝାରସୁଗୁଡା ଜିଲାରେ ଗଡିଉଠିଥିବା କମ୍ପାନୀରେ କାମ କରୁଥିବା ଟ୍ରାନ୍ସପୋର୍ଟର ସମ୍ବଲପୁର ଜିଲା ଉପରେ ଆଖି ପକାଇଛନ୍ତି। ଏହି ବ୍ୟବସାୟରେ ରାଜନେତାଠାରୁ ଆରମ୍ଭ କରି ବଡବଡିଆଙ୍କ ସମ୍ପୃକ୍ତି ରହୁଛି। ଅଧିକାଂଶ ସ୍ଥାନରେ ବେଆଇନ ଭାବେ ୟାର୍ଡ କରାଯାଉଛି। ସାମାନ୍ୟ ପବନ ହେଲେ ପାଉଁଶ ଉଡି ରାସ୍ତାଘାଟ ଓ ଘର ଭିତରେ ପଶିଯାଉଛି। ଗ୍ରାମ୍ୟ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ, ସରକାରୀ ଜମି, ପଥରଖାଦାନରେ ପାଉଁଶ ପକାଯାଉଛି। ପ୍ରତିଦିନ ଶହ ଶହ ଭାରିଯାନ ରାତିରେ ସହର ଭିତରକୁ ପ୍ରବେଶ କରୁଛି। ସ୍ଥାନୀୟ ଲୋକମାନେ ବିରୋଧ କଲେ ଧମକଚମକ ଦିଆଯାଉଛି। ଶୀଘ୍ର ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ ଦାବି କରିଥିଲେ। ଏହାର ଏକ ନକଲ ସମ୍ବଲପୁର ଜିଲାପାଳ, ଏସ୍‌ପି, ଝାରସୁଗୁଡ଼ା ଜିଲାପାଳ, ଏସ୍‌ପିଙ୍କୁ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅନ୍ନପୂର୍ଣ୍ଣା ବାରିକ, ଜୟନ୍ତ ମହପାତ୍ର, ରାଜା ଦାଶ, ଆଦିତ୍ୟ ତିୱାରୀ, ଅଶୋକ ସାହୁ, ସୁରେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବେଦାନ୍ତକୁ ତାଗିଦ

ସମ୍ବଲପୁର,୧୧।୮(ଶୁଭାଶିଷ ପାଢ଼ୀ)

ଝାରସୁଗୁଡ଼ା ବେଦାନ୍ତ କମ୍ପାନୀରୁ ବାହାରୁଥିବା ଫ୍ଲାଏଆଶ ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ପକାଯାଉଛି। ଏହାକୁ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁର ଆଞ୍ଚଳିକ ଶାଖା ବେଦାନ୍ତ କମ୍ପାନୀ ମୁଖ୍ୟ ପରିଚାଳକଙ୍କୁ ଚିଠି (ନଂ.୨୭୯୩/୨୩) କରି ତାଗିଦ କରିଛି। ଆଞ୍ଚଳିକ ଶାଖା ଭାରପ୍ରାପ୍ତ ନିର୍ଦ୍ଦେଶକ ସତ୍ୟନାରାୟଣ ନନ୍ଦ କରିଥିବା ଏହି ଚିଠିରେ ଉଲ୍ଲେଖ ରହିଛି, କମ୍ପାନୀରୁ ନିର୍ଗତ ଫ୍ଲାଏଆଶ ଓ ବର୍ଜ୍ୟବସ୍ତୁ ସମ୍ବଲପୁର ଜାତୀୟ ରାଜପଥ ୫୫ ଓ ରାଜ୍ୟ ରାଜପଥ କଡରେ ପକାଇ ଦିଆଯାଇଛି। ଏଠାରେ ସରକାରୀ ଓ ବ୍ୟକ୍ତିଗତ ଜମି ମଧ୍ୟ ରହିଛି। ଏଥିପାଇଁ କୌଣସି ନିୟମ ପାଳନ ହେଉ ନାହିଁ। ଶାସନ ରାସ୍ତାର କେନ୍ଦୁଘାଟି ଆରବି ସ୍ପଞ୍ଜ କାରଖାନା ପାର୍ଶ୍ୱରେ ମଧ୍ୟ ପକାଯାଉଛି। ଏ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଅବଗତ କରାଯାଉ ନାହିଁ। ପାଉଁଶ ପକାଇବା ଦ୍ୱାରା ସ୍ଥାନୀୟ ଲୋକଙ୍କୁ ସମସ୍ୟା ହେଉଛି। ଭାରିଯାନ ଚଳଚଳ ଯୋଗୁ ଯାତାୟାତରେ ମଧ୍ୟ ସମସ୍ୟା ହେଉଛି। ଏ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଚିଠିରେ ଦର୍ଶାଯାଇଛି।

### ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ନାକଟିଦେଉଳ,୧୧।୮(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୁକ୍ରବାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବଳମ ପଞ୍ଚାୟତ ଉପରମୁଣ୍ଡା ଗ୍ରାମରେ ଥିବା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନିତ୍ୟାନନ୍ଦ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ଉପରମୁଣ୍ଡା ଗ୍ରାମର ଧୀରେନ୍ଦ୍ର ରାଉଳ, ନେତ୍ରାନନ୍ଦ ରାଉଳ, କୁଶଧର ମାଝି, ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀଙ୍କ ନାତି କିରଣ କୁମାର ସାହୁ, ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ, ଅଧ୍ୟାପିକା ଜୟନ୍ତୀ ସାହୁ ଯୋଗଦେଇଥିଲେ। ଶେଷରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଦେଇଥିଲେ। ସେହିପରି ବଳମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ଓ ବଳମ ୟୁଥ୍ ସ୍ପୋର୍ଟିଂ କ୍ଲବର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଏଥିରେ ବଳମ ସରପଞ୍ଚ ଅନୁପମା ଗଡ଼ନାୟକ, ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ମାରିଆନୁସ ବିଲୁଙ୍ଗ, ୟୁଥ ସ୍ପୋର୍ଟିଂ କ୍ଲବର ସଭାପତି ଅମିତ କୁମାର ସାହୁ, ସମ୍ପାଦକ ସିତୁନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ

କୁଚିଣ୍ଡା,୧୧।୮(ବିରଞ୍ଚି ଦର୍ଭା)



ଔଷଧ ସେବନ ଅବସରରେ ବିଧାୟକ ଓ ଅନ୍ୟମାନେ।

କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ଗୁରୁବାର ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରୁଆଭାଡି ପଞ୍ଚାୟତର ପତ୍ରାପାଲିରେ ହୋଇଥିବା କାର୍ଯ୍ୟକ୍ରମକୁ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ଈଶ୍ୱର ମୁଣ୍ଡା, ପିଏଚ୍‌ଇଓ ହଳଧର ନାଏକ, ଭିବିଡିଟିଏସ୍ ସଞ୍ଜୟ କୁମାର ପଟେଲ, ବିପିଏମ୍ ସୁମନ ବରୁଆ, ଡିଇଓ ଗିରିଧାରୀ ଦୁତିଆଚାନ୍ଦଙ୍କ ସମେତ ଏଏନ୍‌ଏମ୍, ଆଶା ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ରହି ସାମୂହିକ ଔଷଧ ସେବନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ସେହିପରି କୁନ୍ତରା ପଞ୍ଚାୟତ ତୁରେଇନିକ୍ରିମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଔଷଧ ସେବନ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ତୁରେଇନିକ୍ରିମାଲ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ସତ୍ୟନାରାୟଣ ହୋତା, ସିଏଚ୍‌ଓ ନମିତା ସାହୁ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁରମାଞ୍ଜଳି ନାଏକ, ସହକାରୀ ଶିକ୍ଷକ ଚନ୍ଦ୍ରଭାନୁ ଗୌଡ, ଉପେନ୍ଦ୍ର ବାଘ, ଶିକ୍ଷୟିତ୍ରୀ ସୁରମା ଭଇଁଷା, ଆଶାକର୍ମୀ ଆରତୀ ଗୌଡ ଓ କସ୍ତୁରୀ କିଷାନ, ଅଙ୍ଗନୱାଡି କର୍ମୀ ସୁଷମା ଧାନ ଓ ସୁସ୍ମିତା କିଷାନ ପ୍ରମୁଖ ଉପସ୍ଥିତ ରହି ଔଷଧ ସେବନ ପାଇଁ ସଚେତନ କରାଇଥିଲେ।

### ବାଳିକା ହାଇସ୍କୁଲର ପ୍ରତିଷ୍ଠା ଦିବସ

ସମ୍ବଲପୁର,୧୧।୮(ବି.ଶଙ୍କର)

ସମ୍ବଲପୁର ଦେହେରିପାଲିସ୍ଥିତ ବୁଢାରଜା ବାଳିକା ହାଇସ୍କୁଲର ୨୮ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଡା. ଗୌର ମୋହନ ବିଶ୍ୱାଳଙ୍କ ପ୍ରତିଚ୍ଛବିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁବ୍ରତା ପତି ସଭାପତିତ୍ୱ କରି ସ୍କୁଲ ପ୍ରତିଷ୍ଠାରେ ଡାକ୍ତର ବିଶ୍ୱାଳଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍କୁଲ ପରିଚାଳନା ସମିତି ଅଧ୍ୟକ୍ଷ ଡ. ପରେଶ ଚନ୍ଦ୍ର ଦାନି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ପାଇଁ ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ଶିକ୍ଷା ଆବଶ୍ୟକ ବୋଲି କହିଥିଲେ। ଖେଳ ଶିକ୍ଷକ ଭିମସେନ ବାରିକ ଧନ୍ୟବାଦ ଦେଇଥିଲେ।

## ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ




ଔଷଧ ସେବନ ଅବସରରେ ବିଧାୟକ ଓ ଅନ୍ୟମାନେ।

ଜମନକିରା,୧୧।୮(ରବୀନ୍ଦ୍ର ପ୍ରସାଦ ଦାନି)

ନେହେରୁ ଯୁବକେନ୍ଦ୍ର ପକ୍ଷରୁ କୁଚିଣ୍ଡା ଆଦିବାସୀ ଭବନ ଓ ଜମନକିରା ଉଚ୍ଚ ବିଦ୍ୟାଳୟଠାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିବା ବେଳେ କୁ. ଜମନକିରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବେଦବ୍ୟାସ ପଟେଲ ସଭାପତିତ୍ୱ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ କରୁଣାକର କିଷାନ ଯୋଗଦେଇ ଦେଶର ଉନ୍ନତି ପାଇଁ ନିଜ ଗାଁକୁ ଭଲ ପାଇବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଶିକ୍ଷକ ପ୍ରମୋଦ ନାୟକ, ନୃପମଣୀ ମାଝି, ପ୍ରତାପ ନାୟକ, ସୁଶାନ୍ତ ପ୍ରଧାନ, ସୌଭାଗ୍ୟ ନାଏକ, ରଶ୍ମିକାନ୍ତ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଯୁବ କେନ୍ଦ୍ର କୁଚିଣ୍ଡା ପ୍ରତିନିଧି ମୋନିକା ବେକ ସ୍ୱାଗତ ଭାଷଣ ଓ ଅନ୍ୟତମ ପ୍ରତିନିଧି ରଜେଶ୍ୱରି କିଷାନ ଧନ୍ୟବାଦ ଦେଇଥିଲେ।

## ବୁଢ଼ାରଜା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା

ସମ୍ବଲପୁର,୧୧।୮(ବି.ଶଙ୍କର)



ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି ଅତିଥି।

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଡିଇଓ ଜୟଶ୍ରୀ ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ବୈଜୟନ୍ତୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ସୁକଲ୍ୟାଣ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ମନସ୍କ ହେବାପାଇଁ ଆହ୍ୱାନ ଦେଇଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ବୁଢ଼ାରଜା ଶାଖା ପରିଚାଳକ ଶ୍ରୀକାନ୍ତ କୁମାର ନାୟକ ସମ୍ମାନିତ ଅତିଥି ଥିଲେ। ପ୍ରଧାନଶିକ୍ଷକ ସୁମିତା ପତ୍ରୀ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଙ୍ଗଯୋଶୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅର୍ଚ୍ଚନା ପାଣି, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମିନାକ୍ଷୀ ରାଣୀ ପୂଜାରୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଫକୀରମୋହନ ପ୍ରଧାନ ବିଚାରକ ଥିଲେ। ଏଥିରେ ୬୧ ବିଜ୍ଞାନ ପ୍ରକଳ୍ପ ସ୍ଥାନିତ ହୋଇଥିଲା। କନିଷ୍ଠ ବର୍ଗରେ ତନ୍ମୟ କୁମାର ଦାଶ, ଗିରୀଶ ଚନ୍ଦ୍ର ଦାଶ, ପ୍ରିୟମ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ସତ୍ୟ ସ୍ୱରୂପ ନାୟକ, ଅଭିଷେକ ସ୍ୱାଇଁ ଓ ଟିଙ୍କୁ ସାଗର କୁମୁରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ଲାଭ କରିଥିଲେ।

### ବାଲ ନିକେତନରେ ଜେଏସ୍‌ଡବ୍ଲ୍ୟୁ ବିପିଏସ୍ଏଲ୍‌ର ସାମଗ୍ରୀ ବଣ୍ଟନ

ସମ୍ବଲପୁର,୧୧।୮(ବି.ଶଙ୍କର)

ସମ୍ବଲପୁର ଜିଲାର ରୁକ୍ମିଣୀ ଲାଠ ବାଲ ନିକେତନ ଅନ୍ତେବାସୀଙ୍କୁ ଜେଏସ୍‌ଡବ୍ଲ୍ୟୁ ବିପିଏସ୍ଏଲ୍ ପକ୍ଷରୁ ସାମଗ୍ରୀ ବଣ୍ଟନ କରାଯାଇଛି। ସାମାଜିକ ଦାୟିତ୍ୱ, ବିକାଶକୁ ଦୃଷ୍ଟି ରଖି କମ୍ପାନୀର ସିଏସ୍ଆର୍ ବିଭାଗ ଗରିବ ଅସହାୟ ଲୋକଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ଆନନ୍ଦ ପ୍ରଦାନ କାର୍ଯ୍ୟକ୍ରମ ହାତକୁ ନେଇଛି। ସିଏସ୍ଆର୍ ବିଶାଳ ରାଜ ଓ ଟିମ ବାଲ ନିକେତନରେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଆଶ୍ରମରେ ଅନ୍ତେବାସୀଙ୍କ ଉନ୍ନତି ପାଇଁ ସଂଗୃହୀତ ସାମଗ୍ରୀ ବଣ୍ଟନ କରିଥିଲେ। ଅନାଥ ଆଶ୍ରମରେ ୧୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ପୋଷାକ, ଷ୍ଟେସନାରୀ ସାମଗ୍ରୀ, ବହି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକଳାପ ପିଲାମାନଙ୍କୁ ଉତ୍ତମ ଜୀବନଯାପନ କରିବାରେ ସାହାଯ୍ୟ କରିବ ବୋଲି କମ୍ପାନୀ ସିଏସ୍ଆର୍ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

## ବାସହରା ପବିତ୍ରଙ୍କ ପରିବାର



ଭାଙ୍ଗିଯାଇଥିବା ଘର।

ଜମନକିରା,୧୧।୮(ରବୀନ୍ଦ୍ର ପ୍ରସାଦ ଦାନି)

ଚଳିତ ଲଘୁଚାପ ଜନିତ ଲଗାଣ ବର୍ଷାରେ ବାସଶୂନ୍ୟ ହୋଇପଡିଛନ୍ତି ଜମନକିରା ବ୍ଲକ ସଦର ପଞ୍ଚାୟତର ପବିତ୍ର ପିଙ୍ଗଙ୍କ ପରିବାର। ସୂଚନା ଅନୁଯାୟୀ, ପବିତ୍ର ମୂଳ ମଜୁରି କରି ଯାହା ରୋଜଗାର କରନ୍ତି ସେଥିରେ ସ୍ତ୍ରୀ ସହ କଷ୍ଟେମଷ୍ଟେ ଚଳିଯାଆନ୍ତି। ସେ ୧୦ବର୍ଷ ପୂର୍ବରୁ ଇନ୍ଦିରା ଆବାସ ପାଇଥିଲେ ମଧ୍ୟ ସେଠାରେ ତାଙ୍କ ପୁଅ, ବୋହୂ ଓ ନାତିନାତୁଣୀ ବସବାସ କରୁଛନ୍ତି। ହେଲେ ନିଜେ ଏକ ମାଟି ଘରେ ସ୍ତ୍ରୀ ସହ ରହୁଥିଲେ। ଲଗାଣ ବର୍ଷା ଯୋଗୁ ଘର ଭାଙ୍ଗିଯିବାରୁ ସେ ବାସହରା ହୋଇପଡିଛନ୍ତି। ତହସିଲ ଅଫିସ ପକ୍ଷରୁ ତାଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ହେଲେ ସରକାରୀ ସହାୟତା ମିଳିଲେ ସେ ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଡ଼ିଓ ପ୍ରସନ୍ନ କୁମାର ପଟେଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ସରକାରଙ୍କ ନିୟମ ଅନୁଯାୟୀ ସୁବିଧା କରାଯିବ ବୋଲି କହିଛନ୍ତି।

## ଶ୍ରମିକ ବୀମା ନାମରେ ମହିଳା ଠକାମିର ଶିକାର

କୁଚିଣ୍ଡା,୧୧।୮(ବିରଞ୍ଚି ଦର୍ଭା)

**ଗୋବିନ୍ଦପୁର ଥାନାରେ ଏତଲା**

ଗୋବିନ୍ଦପୁର ଥାନା ଅଞ୍ଚଳର ଶ୍ରମିକମାନେ ଲେବର କାର୍ଡ ନାମରେ ଲକ୍ଷାଧିକ ଟଙ୍କାର ଠକାମିର ଶିକାର ହୋଇଥିବା ଶୁକ୍ରବାର ଥାନାରେ ରିପୋର୍ଟ କରିଛନ୍ତି। ପିଣ୍ଡାପଥର (ପଣ୍ଡୁପଡା) ନିବାସୀ ସୁଲୋଚନା ମାଝି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ଇଗ୍ନେଶ ମାଝିଙ୍କ ୨୦୨୨ରେ ମୃତ୍ୟୁ ପରେ ତାଙ୍କ ନାମରେ ଥିବା ଲେବର କାର୍ଡର ବୀମାରାଶି ପାଇଁ ସମ୍ବଲପୁରର ଲେବର ଅଫିସକୁ ୨୦୨୨ ଜୁଲାଇ ୧୭ରେ ଯାଇଥିଲେ। ସେଠାରେ ଶ୍ରମିକ ସଂଗଠନର ଇନ୍ଦ୍ରଜିତ ତାଣ୍ଡି ଓ ରେଖା ତାଜନ ନାମକ ବ୍ୟକ୍ତି ବୀମାରାଶି କରାଇଦେବାକୁ କୁଆଡେ ୬୦ହଜାର ଟଙ୍କା ମାଗିଥିଲେ। ରେଖା ବିଭିନ୍ନ ପର୍ଯ୍ୟାୟରେ ୩୦ହଜାର ଟଙ୍କା ନେଇଥିଲେ ମଧ୍ୟ ସ୍ୱାମୀଙ୍କ ବୀମାରାଶି ନ ମିଳିବାରୁ ସୁଲୋଚନା ଉଭୟଙ୍କୁ ତାଙ୍କ ଟଙ୍କା ଫେରସ୍ତ ପାଇଁ କହିଥିଲେ। ମାତ୍ର ସେମାନେ ଫେରସ୍ତ କରିବା ପରିବର୍ତ୍ତେ ଧମକଚମକ ଦେଇଥିଲେ। ସେହିପରି ଗୋବିନ୍ଦପୁର ଥାନା ଟାଙ୍ଗରମୁଣ୍ଡା, ସାଙ୍କୋବାହାଲ, ପିଣ୍ଡାପଥର, ବାରବ, ବିଲେଇଘାଟି ଆଦି ଗ୍ରାମର ଶତାଧିକ ଗରିବ ଆଦିବାସୀ ଶ୍ରମିକ ଲେବର କାର୍ଡ ପାଇଁ ଠକାମିର ଶିକାର ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପଶ୍ଚିମଓଡ଼ିଶା ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ବୋଲାଉଥିବା ଇନ୍ଦ୍ରଜିତ ଓ ରେଖା ୨୦୨୨ ଜୁଲାଇ ଓ ଅଗଷ୍ଟ ମାସରେ ଏହି ଶ୍ରମିକଙ୍କଠାରୁ ଲେବର କାର୍ଡ କରାଇଦେବା ନାମରେ ଲକ୍ଷାଧିକ ଟଙ୍କା ନେଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଟାଙ୍ଗରମୁଣ୍ଡା ଗ୍ରାମର ମନ୍ଦାକିନୀ ବାଗଙ୍କଠାରୁ ୬ ହଜାର, ବତି କିଷାନଙ୍କଠାରୁ ୨ ହଜାର, ସରସ୍ୱତୀ ଛତ୍ରିଆଙ୍କଠାରୁ ୨୬୦୦, ସୁଗ୍ରି, ବୈରାଗୀ, ନୀଳ ଓ ଗୋମତୀ ଛତ୍ରିଆଙ୍କଠାରୁ ୪୮୦୦ଟଙ୍କା ଏବଂ ସାଙ୍କୋବାହାଲ ଗ୍ରାମର ଆଲେଶିଆ ଖାଖାଙ୍କ ସମେତ ପ୍ରାୟ ୬୦ରୁ ୭୦ଜଣଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୁଲୋଚନାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୧୦୮/୨୩) ରୁଜୁ ହୋଇଛି। ଅନ୍ୟମାନେ କରିଥିବା ରିପୋର୍ଟ ଉପରେ ତଦନ୍ତ କରି ପଦକ୍ଷେପ ନେବାକୁ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ସେଠ କହିଛନ୍ତି।

## ଲୋକଙ୍କ ସମସ୍ୟା ସମାଧାନ କର

ନାକଟିଦେଉଳ,୧୧।୮(ବୈକୁଣ୍ଠ ନାଥ ସାହୁ)

**ବିଧାୟକ ରୋହିତ ପୂଜାରୀଙ୍କ ଅଭିଯୋଗ ଶୁଣାଣି**



ଶିବିରରେ ବିଧାୟକଙ୍କ ସହ ଅନ୍ୟମାନେ।

ଲୋକଙ୍କ ପାଖକୁ ଯାଇ ସମସ୍ୟା ଶୁଣିବା ସହ ସେମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ପୂର୍ବତନ ମନ୍ତ୍ରୀ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ସରକାରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସଭା ଗୃହଠାରେ ଶୁକ୍ରବାର ଆୟୋଜିତ ଜନ ଅଭିଯୋଗ ଶୁଣାଣିରେ ବିଧାୟକ ପୂଜାରୀ ଯୋଗଦେଇ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ସରକାରୀ ଯୋଜନାର ସଫଳ ରୂପାୟନ ହେବ ବୋଲି କହିଥିଲେ। ଶିବିରରେ ବିଭିନ୍ନ ପଞ୍ଚାୟତର ଜନସାଧାରଣ ଯୋଗଦେଇ ନିଜ ଅଭିଯୋଗ ବିଧାୟକଙ୍କୁ ଜଣାଇଥିଲେ। ପାନୀୟ ଜଳ, ଜମି ପଟ୍ଟା, ଜଳସେଚନ, ଆବାସ ଯୋଜନା, ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଆଦି ସମ୍ପର୍କରେ ଅଭିଯୋଗ କରିଥିଲେ। ବାଟଗାଁ ପଞ୍ଚାୟତ ହିଞ୍ଜାମୁରା ଗ୍ରାମର ଜଣେ ଭିନ୍ନକ୍ଷମ ହିତାଧିକାରୀଙ୍କ ନାମ ଆବାସ ଯୋଜନା ତାଲିକାରେ ରହିଥିଲେ ସୁଦ୍ଧା ସେ କିପରି ଏଥିରୁ ବାଦ ପଡ଼ିଲେ ସେ ନେଇ ବିଧାୟକଙ୍କୁ ଅଭିଯୋଗ କରି ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ସେହିପରି କଣ୍ଢେଲ-ଗଦାଧରପୁର ରାସ୍ତାରେ ଥିବା ଟିଙ୍କିରା ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ଅଞ୍ଚଳବାସୀ ବିଧାୟକଙ୍କୁ ଜଣାଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ବିବେକାନନ୍ଦ ସାହୁ, ତହସିଲଦାର ଅମର ଡୁଙ୍ଗଡୁଙ୍ଗ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଏବିଡ଼ିଓ ବିଦ୍ୟାଧର ରାଉତରାୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ପାରିବାରିକ କଳହକୁ ନେଇ ବିଷ ପିଇ ଆତ୍ମହତ୍ୟା

ଲୋଇସିଂହା,(ସୁଶାନ୍ତ ବାରକ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ମନହୀରା ଗ୍ରାମର ଗୁଣନିଧି ଭୋଇ ପାରିବାରିକ କଳହକୁ ନେଇ ବିଷପିଇ ଶୁକ୍ରବାର ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଖବରପାଇ ଲୋଇସିଂହା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଧଣ୍ଡାମୁଣ୍ଡାରେ ଚାରା ରୋପଣ କାର୍ଯ୍ୟକ୍ରମ
#### ପରିବେଶ ସୁରକ୍ଷା ପାଇଁ ବାର୍ତ୍ତା

ଖପ୍ରାଖୋଲ,୧୧।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଅମୃତ ସରୋବରଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ସରପଞ୍ଚ ବୈଦ୍ୟନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ସମ୍ମାନିତ ଅତିଥି ଭାବେ ବ୍ଲକ ଏପିଓ ପ୍ରଶାନ୍ତ କୁମାର ସାହୁ, କ୍ଷମାନିଧି ଭୋଇ, ଅଭୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅମୃତ ସରୋବର ପ୍ରତିଷ୍ଠା ସହ ଅମୃତ ବାଟିକା କରିବା ସହ ୭୫ଟି ଚାରା ରୋପଣ କରାଯାଇଛି। ଫଳରେ ପରିବେଶର ସୁରକ୍ଷା ସହିତ ଅମୃତ ମହୋତ୍ସବ ସ୍ମରଣୀୟ ହୋଇପାରିବ ବୋଲି ସରପଞ୍ଚ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଦ୍ୱୈତ କୁମାର ଭୋଇ, ସୁନନ୍ଦ ପୁଟେଲ, କମଳାପତି ମିଶ୍ର, ସରୋଜ ମିଶ୍ର, ଶାନ୍ତି ସାହୁ, କ୍ଷୀରୋଦ୍ର ପ୍ରଧାନ, ଶିବ ରଣା, ଭାଗବଟିଆ ସାହୁଙ୍କ ସମେତ ଗାଁ ସାଥି, ୱାର୍ଡ ମେମ୍ବର, ସି ଆର୍ ପି , ପରିବେଶ ପ୍ରେମୀ ଉପସ୍ଥିତ ଥିଲେ। ଶେଷରେ ଶୋଭନ ମୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ୪୧ଖଣ୍ଡ ଭୋଟରେ ଜିତିଲେ ପ୍ରମୋଦିନୀ

ଲୋଇସିଂହା, ୧୧।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲୁପାଲି ଗ୍ରାମର ୧୧ ନଂ. ୱାର୍ଡର ୱାର୍ଡସଭ୍ୟ ଉପନିର୍ବାଚନର ଭୋଟ ଗଣତି ବ୍ଲକ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ବିଡିଓ ଆକାଶରଞ୍ଜନ ସାହୁଙ୍କ ଉପସ୍ଥିତିରେ ଜିପିଓ କିଶୋର ମାନସିଂ, ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢି ଏବଂ ଉପ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ଦୁଇଜଣ ପ୍ରାର୍ଥୀଙ୍କ ଏଜେଣ୍ଟ ଉପସ୍ଥିତିରେ ବ୍ଲକ ଯୋଗାଣ ନିରୀକ୍ଷକ ସୌମ୍ୟରଞ୍ଜନ ମହାନନ୍ଦ, ପିଇଓ ଅକ୍ଷୟ ଦଲାଇ ଓ କର୍ମଚାରୀ ଭୋଟଗଣତି କରିଥିଲେ। ୨୮୫ ମତଦାନରୁ ପ୍ରମୋଦିନୀ ସେଠ ୧୫୫ ଖଣ୍ଡ ଭୋଟ ପାଇଥିବାବେଳେ ଅଞ୍ଜ ଛତ୍ରିଆ ୧୧୪ ଖଣ୍ଡ ଭୋଟ ପାଇଥିଲେ। ୧୬ ଖଣ୍ଡ ଭୋଟ ନାକଚ ହୋଇଥିଲା। ୪୧ ଖଣ୍ଡ ଅଧିକ ଭୋଟ ପାଇ ପ୍ରମୋଦିନୀ ବିଜୟୀ ହୋଇଛନ୍ତି। ତେବେ ଆସନ୍ତା ସୋମବାର ଆନୁଷ୍ଠାନିକଭାବେ ଘୋଷଣା କରାଯିବ ବୋଲି ଜିପିଓ ମାନସିଂ କହିଛନ୍ତି। ସୂଚନା ଯୋଗ୍ୟ ଯେ,୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅନୁସୂଚିତ ଜାତି(ଏସ୍‌ସି)ଆସନରୁ ମଧୁମତୀ ସେଠ ବିଜୟୀ ହୋଇଥିଲେ। ସେ ମିଶନଶକ୍ତି ସିଆରପି ନିଯୁକ୍ତି ପାଇବା ପରେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଉପନିର୍ବାଚନରେ ପ୍ରମୋଦିନୀ ଓ ଅଞ୍ଜ ମୁହାଁମୁହିଁ ହୋଇଥିଲେ।

### ପାଣି ମୋଟର ଚୋରି ଅଭିଯୋଗରେ ୨ ଯୁବକ ଗିରଫ

ଲୋଇସିଂହା, ୧୧।୮(ସୁଶାନ୍ତ ବାରିକ)

ପାଣି ମୋଟର ଚୋରି ଘଟଣାରେ ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲୋଇସିଂହାର ଦୁର୍ଗା ମରାହି(୩୦),ବାସୁଦେବ ରହିଦାସ(୩୫)। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଅଶୋକ କୁମାର ପଧାନ କହିଛନ୍ତି। ଏନେଇ ଆଇପିସିର ଦଫା ୩୭୯ରେ ଥାନା କେସ(ନଂ.୧୬୭।୨୩) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଲୋଇସିଂହା ସଦର ମହକୁମାର ବିଭିନ୍ନ ଅଞ୍ଚଳରେ ବିଗତ କିଛି ମାସ ହେଲା ପାଣି ମୋଟର ଚୋର ସକ୍ରିୟ ହୋଇ ପଡିଛନ୍ତି। ଜଡାମୁଣ୍ଡା, ଢୋଲମହୁଲ, ବ୍ଲକ କଲୋନୀ ସମେତ ବିଭିନ୍ନ ଅଞ୍ଚଳରୁ ରିତିମତ ପାଣି ମୋଟର ଚୋରି ହେଉଛି। ଢୋଲ ମହୁଲ ଅଞ୍ଚଳର ରୁଦ୍ରପ୍ରତାପ ମହାନନ୍ଦଙ୍କ ବାଡିରୁ ବୁଧବାର ରାତିରେ ପାଣି ମୋଟର ଚୋରି ହୋଇଥିବା ନେଇ ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଛାନ୍‌ଭିନ ଚଳାଇଥିଲା। ଗୋଟିଏ ସମରସେବୁଲ ପମ୍ପ ଏବଂ ଆଉ ଗୋଟିଏ ଟୁଲୁ ପମ୍ପ ଜବତ କରି ଦୁଇ ଅଭିଯୁକ୍ତ ଦୁର୍ଗା ଏବଂ ବାସୁଦେବଙ୍କୁ ଗିରଫ କରାଯାଇଛି ।

# ଉଦ୍ଧାର ଶିଶୁପୁତ୍ର ପାଇଲା ନୂଆ ପରିଚୟ

ବଲାଙ୍ଗୀର/ଟିଟିଲାଗଡ଼, ୧୧।୮
(ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)

**ଟିଟିଲାଗଡ଼ର ଶିଶୁବିକ୍ରି ଘଟଣା**
- ଉଦ୍ଧାର ଶିଶୁପୁତ୍ରଙ୍କୁ ସିଡବ୍ଲ୍ୟୁସିରେ ହସ୍ତାନ୍ତର
- ସ୍ୱତନ୍ତ୍ର ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରହିବ

ଅର୍ଥଲୋଭରେ ଟିଟିଲାଗଡର ଏକ ଦମ୍ପତି ନିଜ ଜନ୍ମକଲା ଏକ ମାସର ଶିଶୁପୁତ୍ରକୁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କାରେ ବିକ୍ରି କରିବା ଏବଂ ଏହି ଶିଶୁବିକ୍ରି ଘଟଣାରେ ପିତା ସମେତ ୩ ଜଣ ଅଭିଯୁକ୍ତ ପୋଲିସ ଦ୍ୱାରା ଗିରଫ ହେବା ଘଟଣା ଆଲୋଡନ ସୃଷ୍ଟି କରିଥିଲା। ଟିଟିଲାଗଡ଼ ପୋଲିସ ଟିମ୍ ତ୍ୱରିତ କାର୍ଯ୍ୟାନୁଷ୍ଠାନ କରି ଉକ୍ତ ବିକ୍ରି ଶିଶୁପୁତ୍ରକୁ ଛତିଶଗଡ଼ ରାଜ୍ୟର ରାୟଗଡ ଅଞ୍ଚଳରୁ ଉଦ୍ଧାର କରିଛନ୍ତି। ଉଦ୍ଧାର କରିବା ପରେ ଟିଟିଲାଗଡ ପୋଲିସ ଟିମ୍ ଉକ୍ତ ଶିଶୁପୁତ୍ରକୁ ବଲାଙ୍ଗୀର ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି)ରେ ଶୁକ୍ରବାର ପ୍ରଡ୍ୟୁସ(ହସ୍ତାନ୍ତର) କରିଛନ୍ତି। ସମ୍ପୃକ୍ତ ଶିଶୁପୁତ୍ର ଏବେ ପାଇଛି ନୂଆ ପରିଚୟ ଏବଂ ନୂଆ ଠିକଣା। ଗାଇଡ ଲାଇନ୍ ଅନୁଯାୟୀ ସିଡବ୍ଲ୍ୟୁସି ପକ୍ଷରୁ ଉକ୍ତ ଶିଶୁକୁ ଅଭିନନ୍ଦନ ନାମରେ ନାମିତ କରାଯାଇ ନୂଆ ପରିଚୟ ଦିଆଯାଇଛି। ବିକ୍ରିଘଟଣାରେ ପୀଡିତ ଶିଶୁର ପିତାମାତାଙ୍କ ସମ୍ପୃକ୍ତି ଥିବାରୁ ଶିଶୁର ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଇ ତାକୁ ସ୍ୱତନ୍ତ୍ର ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରଠାରେ ରଖାଯାଇଛି। ଏସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ସୂଚନା ଦେଇଛନ୍ତି।


ଉଦ୍ଧାର ହୋଇଥିବା ଶିଶୁପୁତ୍ର ଅଭିନନ୍ଦନକୁ ବଲାଙ୍ଗୀର ସିଡବ୍ଲୁସିରେ ହସ୍ତାନ୍ତର କରାଯାଉଛି।

ଉଦ୍ଧାର ଶିଶୁପୁତ୍ରକୁ ସିଡବ୍ଲ୍ୟୁସିରେ ପ୍ରଡ୍ୟୁସ କରାଗଲା ପରେ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ଜଣାପଡିଛି।

ଗତ ସପ୍ତାହରେ ଟିଟିଲାଗଡ ସହରର ଝାଙ୍କରପଡାରେ ରହୁଥିବା ସନ୍ତୋଷ ପୁଟେଲଙ୍କ ସ୍ତ୍ରୀ ପୁଷ୍ପା ପ୍ରାୟ ଏକମାସ ତଳେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ହୋଟେଲରେ କାମ କରୁଥିବା ସନ୍ତୋଷ ଓ ପୁଷ୍ପା ଘୋର ଆର୍ଥିକ ଅନଟନରେ ଗତି କରୁଥିଲେ। ସନ୍ତୋଷଙ୍କ ପଡୋଶୀ ରମଜାନ୍ ଖାନ୍ ପଡୋଶୀ ସନ୍ତୋଷଙ୍କୁ ଆର୍ଥିକ ଅନଟନରୁ ମୁକୁଳିବାର ବାଟ ବତାଇବାକୁ ଯାଇ ନିଜର ଚତୁର୍ଥ ଶିଶୁପୁତ୍ରକୁ ବିକ୍ରି କରିଦେବାକୁ କହିଥିଲେ। ଏଥିରେ ସନ୍ତୋଷ ଏବଂ ପୁଷ୍ପା କୁଆଡେ ରାଜି ହୋଇଯାଇଥିଲେ। ଏହାପରେ ରମ୍‌ଜାନ୍ ଖାନ୍ କଳାହାଣ୍ଡି ଜିଲାର ରାଜା ଦୁର୍ଗାଙ୍କ ସହ ଭେଟ କରାଇ ଦେଇଥିଲେ। ସମସ୍ତ ଯୋଜନା ଅନୁଯାୟୀ ସନ୍ତୋଷ, ରମ୍‌ଜାନ୍ ଏବଂ ରାଜା ଦୁର୍ଗା ଭବାନୀପାଟଣାର ବିକ୍ରମ ମହାନନ୍ଦ ନାମକ ଜଣେ ବ୍ୟକ୍ତିଙ୍କୁ ପ୍ରାୟ ୨.୨୦ ଲକ୍ଷ ଟଙ୍କାରେ ଶିଶୁପୁତ୍ରକୁ ବିକ୍ରି କରିଦେଇଥିଲେ। ଏହି ଘଟଣା ଜଣାପଡିବା ପରେ ଟିଟିଲାଗଡ ପୋଲିସ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ତଦନ୍ତ ଆରମ୍ଭ କରିଥିଲେ ଏବଂ ରାୟଗଡ ଅଞ୍ଚଳର ଜଣେ ଦମ୍ପତିଙ୍କଠାରୁ ଉକ୍ତ ଶିଶୁପୁତ୍ରକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଟିଟିଲାଗଡ଼ ପୋଲିସର ଏକ ଟିମ୍ ଶିଶୁ କିଣିଥିବା ଉକ୍ତ ଦମ୍ପତିଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ସେମାନଙ୍କ ବିରୋଧରେ ମଧ୍ୟ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟିଟିଲାଗଡ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ସୂଚନା ଦେଇଛନ୍ତି। ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀଙ୍କ ପରାମର୍ଶ କ୍ରମେ ଟିଟିଲାଗଡ ସ୍ୱତନ୍ତ୍ର ପୋଲିସ ଟିମ୍ ଏହି ଆନ୍ତଃରାଜ୍ୟ ଶିଶୁବିକ୍ରି ଘଟଣାର ପର୍ଦ୍ଦାଫାଶ କରିବା ସହ ସୁରକ୍ଷିତ ଭାବେ ଶିଶୁପୁତ୍ରକୁ ଉଦ୍ଧାର କରି ସିଡବ୍ଲ୍ୟୁସିରେ ପ୍ରଡ୍ୟୁସ୍ କରିଥିବାରୁ ବିଭିନ୍ନ ମହଲରୁ ପୋଲିସକୁ ପ୍ରଶଂସା କରାଯାଇଛି। ଏହି ଘଟଣାରେ ଖୋଦ୍ ଜନ୍ମକଲା ପିତାମାତା ଅଭିଯୁକ୍ତ ଥିବାରୁ କିଭଳି ଭାବେ ଶିଶୁପୁତ୍ର ଅଭିନନ୍ଦନ ସୁରକ୍ଷିତ ରହିବ ସେଦିଗରେ ବିଶେଷ ଧ୍ୟାନ ଦିଆଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସିଂ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଦେବାଶିଷ


@ ପ୍ରମୋଦ


@ ପପୁନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିତିଲେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଅଜିତ

ବଲାଙ୍ଗୀର, ୧୧।୮
(ବୀରେନ୍ଦ୍ର କୁମାର ଝାଙ୍କର)

**ଭୁଡିଆରବାହାଲ ସମିତି ସଭ୍ୟ ଉପନିର୍ବାଚନ**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଭୁଡିଆରବାହାଲ ଗ୍ରାମପଞ୍ଚାୟତରେ ଶୁକ୍ରବାର ସମିତି ସଭ୍ୟ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଉପନିର୍ବାଚନରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଅଜିତ କୁମାର ସାହୁ ବିଜୟୀ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନାରୁ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ସାହୁଙ୍କୁ ୧୦୬୧ ଭୋଟ୍ ମିଳିଥିବାବେଳେ ନିକଟତମ ପ୍ରାର୍ଥୀ ଦାମ ପୁଟେଲଙ୍କୁ ୭୪୩ ଖଣ୍ଡ ଭୋଟ ମିଳିଛି। ବିଜୟୀ ପ୍ରାର୍ଥୀ ସାହୁ ୩୧୮ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ଉପନିର୍ବାଚନରେ ଭାଗନେଇଥିବା ଅନ୍ୟ ଦୁଇ ପ୍ରାର୍ଥୀ ରାଧାକାନ୍ତ ବାଗ ୨୦୬ ଖଣ୍ଡ ଏବଂ ଦମୟନ୍ତୀ ପଶାୟତ ୧୭୭ ଖଣ୍ଡ ଭୋଟ ପାଇଥିବା ଜଣାପଡିଛି। ଭୁଡିଆରବାହାଲ ଗ୍ରାମପଞ୍ଚାୟତ ସମିତି ସଭ୍ୟଙ୍କ ମୃତ୍ୟୁ ପରେ ଏହି ପଦବୀ ଖାଲି ପଡିଥିଲା। ଏହି ସମିତି ସଭ୍ୟ ପଦବୀ ପାଇଁ ଶୁକ୍ରବାର ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳାର ସହ ଉପନିର୍ବାଚନ ସରିବା ପରେ ବିଜୟୀ ପ୍ରାର୍ଥୀ ସାହୁ ବଲାଙ୍ଗୀର ଆସି ବିଧାୟକ ନରସିଂହ ମିଶ୍ରଙ୍କୁ ଭେଟିଥିଲେ। ଏହି ଅବସରରେ ବିଧାୟକ ମିଶ୍ର ବିଜୟୀ ପ୍ରାର୍ଥୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଉକ୍ତ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଉନ୍ନତି ପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଜନସାଧାରଣ ଯେଉଁ ଆସ୍ଥା ପ୍ରକଟ କରିଛନ୍ତି ସେମାନଙ୍କ ଆସ୍ଥା ଓ ବିଶ୍ୱାସକୁ ପାଥେୟ କରି ଗ୍ରାମପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେବା ସହ ସମସ୍ତ ପଞ୍ଚାୟତବାସୀଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। ବିଧାୟକ ମିଶ୍ରଙ୍କୁ ସାକ୍ଷାତ ସମୟରେ ଗ୍ରାମପଞ୍ଚାୟତର ବହୁ ସମର୍ଥକଙ୍କ ସହ କଂଗ୍ରେସ ନେତା ବୀରେନ୍ଦ୍ର ମିଶ୍ର, ଜୁଲୁ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ବିଧାୟକ ନରସିଂହ ମିଶ୍ର ବିଜୟୀ ସମିତି ସଭ୍ୟ ପ୍ରାର୍ଥୀ ଅଜିତ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଉଛନ୍ତି।

### ହଳଦୀଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ମୁରିବାହାଲ,୧୧।୮(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ଗ୍ରାମପଞ୍ଚାୟତ ରାଜୀବ ଭବନଠାରେ ଶୁକ୍ରବାର ଜିଲା କନ୍ଧ ସମାଜ ଯୁବ ସଙ୍ଗଠନ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲା ସଙ୍ଗଠନର ଉପସଭାପତି ଧନେଶ୍ୱର ମାଝିଙ୍କ ନେତୃତ୍ୱରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ସର୍ବପ୍ରଥମେ ଇଷ୍ଟ ଦେବୀ ଜାଡେନ ବୁଢାଙ୍କ ପୂଜାଅର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଆଦିବାସୀମାନଙ୍କ କଳା, ସଂସ୍କୃତି, ରୀତିନୀତି ଉପରେ ଆଲୋଚନା ହୋଇଥିଲା। ଆଦିବାସୀ କନ୍ଧଭାଷାରେ ସଚେତନତାମୂଳକ ସଙ୍ଗୀତ ପରିବେଷଣ କରାଯାଇ ବିଶ୍ୱ ଆଦିବାସୀ ଦିବସର ଲକ୍ଷ୍ୟ ଆଉ ଉଦ୍ଦେଶ୍ୟ ବିଷୟରେ ବାର୍ତ୍ତା ଦିଆଯାଇଥିଲା। ମଣିପୁରର ବଳାତ୍କାରୀମାନଙ୍କୁ ଫାଶୀଦଣ୍ଡ ହେଉ ବୋଲି ଦାବି କରାଯାଇଥିଲା। ଭାରତ ସରକାରଙ୍କ ସମାନ ନାଗରିକତା ବିଲ୍‌କୁ ଜୋରଦାର ବିରୋଧ କରିବା ସହିତ ଜଙ୍ଗଲ ସଂଶୋଧନ ଆଇନ ୨୦୨୩କୁ ଘୋର ନିନ୍ଦା କରାଯାଇଥିଲା। ଉଭୟ ବିଲ୍‌କୁ କେନ୍ଦ୍ର ସରକାର ଶୀଘ୍ର ଖାରଜ କରିବା ପାଇଁ ରାଷ୍ଟ୍ରପତିଙ୍କୁ ମଞ୍ଚ ମାଧ୍ୟମରେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁରିବାହାଲ ସମ୍ପାଦକ ଗୋପାଳ ସିଂ ଭୋଇ, ହଳଦୀ ଗ୍ରାମପଞ୍ଚାୟତର ସଭାପତି ମଧୁ ଯାନୀ, କୋଷାଧ୍ୟକ୍ଷ ଗୋବିନ୍ଦ ମାଝି, ବଙ୍ଗୋମୁଣ୍ଡା ସଭାପତି ବ୍ରଜ ଭୋଇ, ଉପଦେଷ୍ଟା, ବୈଷ୍ଣବ ଯାନୀ, ସଙ୍ଗଠକ ପ୍ରଦୀପ ମାଝି, ଟିଟିଲାଗଡ଼ ସଭାପତି ଉମାକାନ୍ତ ଭୋଇ, ସୁରେଶ ଭୋଇ, ମୁକେଶ ପ୍ରଧାନୀ, ଗଣନାଥ ପ୍ରଧାନୀ ପ୍ରମୁଖ ସାମିଲ ହୋଇଥିଲେ।

## ଜରାସିଂହା ପାକ୍ସ ସଭାପତି ନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ଲକ୍ଷ୍ମଣ ମେହେର

ଦେଓଗାଁ,୧୧।୮(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ପ୍ରାଥମିକ କୃଷି ସେବା ସମବାୟ ସମିତି ପରିଚାଳନା କମିଟି ନିର୍ବାଚନରେ ପୂର୍ବତନ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୂଚନାନୁସାରେ ବଲାଙ୍ଗୀର ଜିଲାର ୧୫୮ଟି ପ୍ରାଥମିକ କୃଷିସେବା ସମବାୟ ସମିତି ମଧ୍ୟରୁ ଜରାସିଂହା ପାକ୍ସରେ କୌଣସି କାରଣରୁ ପରିଚାଳନା କମିଟି ନିର୍ବାଚନ ସ୍ଥଗିତ ରହିଥିଲା। ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କ ନିକଟରେ ଏନେଇ ଅଭିଯୋଗ ପରେ ଜନସାଧାରଣ ତଥା ସଭ୍ୟ ବୃନ୍ଦଙ୍କ ଅଭିଯୋଗକୁ ଆଧାରକରି ଗତ ୨ମାସ ପୂର୍ବରୁ ଉକ୍ତ ପାକ୍ସରେ ନିର୍ବାଚନ ପାଇଁ ଘୋଷଣା କରିଥିଲେ । ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଥମେ ନିର୍ଦ୍ଦେଶକ ପାଇଁ ନିର୍ବାଚନ ହୋଇଥିଲା । ୧୫ଟି ନିର୍ଦ୍ଦେଶକଙ୍କ ମଧ୍ୟରୁ ୧୧ଟି ବିଜେଡି ସମର୍ଥିତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଜଣେ ଭାଜପା ଓ ଜଣେ କଂଗ୍ରେସ ସମର୍ଥିତ ପ୍ରାର୍ଥି ନିର୍ବାଚିତ ହୋଇଥିଲେ । ଅନ୍ୟ ଦୁଇଟି ଖାଲି ପଡିଥିଲା। ଶୁକ୍ରବାର ସଭାପତି ପଦବୀ ପାଇଁ କେହି ପ୍ରତିଦ୍ୱନ୍ଦ୍ୱୀ ନ ବାହାରିବାରୁ ଲକ୍ଷ୍ମଣ କୁମାର ମେହେରଙ୍କୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷଣା କରାଯାଇଥିଲା। ଏହି ପାକ୍ସ ଜରାସିଂହା ପଞ୍ଚାୟତର ୩ଟି ଗାଁ, ସାଲେପାଲି ପଞ୍ଚାୟତର ୩ଟି ଗାଁ ଓ ଉଡାର ପଞ୍ଚାୟତର ୯ଟି ଗାଁ ମୋଟ ୧୫ଟି ଗାଁ କୁ ନେଇ ଗଠିତ ହୋଇଛି ।

## ଖପ୍ରାଖୋଲରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି

ଖପ୍ରାଖୋଲ, ୧୧।୮(ଅଭୟ ତ୍ରିପାଠୀ)

ବଲାଙ୍ଗିର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷବର୍ଷ ଧରି ବିଶେଷଜ୍ଞ ଡାକ୍ତର ପଦବୀ ଖାଲିପଡ଼ିଥିବାରୁ ତୁରନ୍ତ ପୁରଣ ଦାବିରେ ଅଞ୍ଚଳବାସୀଙ୍କ ତରଫରୁ ଏକ ଦାବିପତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଥିଲା। ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ହୋତା, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଦାବିପତ୍ରର କପି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ଲୋକସଭା ସାଂସଦ ବଲାଙ୍ଗିର, ପାଟଣାଗଡ ବିଧାୟକ , ପାଟଣାଗଡ ଉପ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଜଣାଯାଇଛି। ସୂଚନା ଯୋଗ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନୀତ ପରେ ମଧ୍ୟ ବର୍ଷ ବର୍ଷ ଧରି ବିଭିନ୍ନ ବିଶେଷଜ୍ଞ ଡାକ୍ତର ପଦବୀ ଖାଲିପଡ଼ିଛି। ପୂରଣ ପାଇଁ ଅନେକ ଦିନରୁ ଦାବି ହୋଇଆସୁଥିଲେ ବି ପୂରଣ ହେଉନାହିଁ। ତୁରନ୍ତ ଖାଲି ପଦବୀ ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଚୟନରେ ଅନିୟମିତତା ନେଇ ଦାବିପତ୍ର

ଗୁଡ଼ଭେଲା,୧୧।୮ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ନୂଆଁପଡା ଗ୍ରାମପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଚୟନରେ ଅନିୟମିତତା ହୋଇଥିବା ନେଇ ପଶ୍ଚିମ ଓଡିଶା ସେବାସଂଘ ପକ୍ଷରୁ ଶୁକ୍ରବାର ଏକ ଦାବିପତ୍ର ସ୍ଥାନୀୟ ସରପଞ୍ଚ କୁଞ୍ଜବନ ସାହୁଙ୍କ ଜରିଆରେ ଗୁଡଭେଲା ବିଡିଓଙ୍କୁ ପ୍ରଦାନ କରାଯାଇଛି। ଏଥିରେ ତଦନ୍ତ କରିବାକୁ ଦାବି କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ପ୍ରକୃତ ହିତାଧିକାରୀଙ୍କୁ ଚୟନ ନ କରାଯାଇ ଧନୀ ବ୍ୟକ୍ତିମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଗୋଟିଏ ପରିବାରର ଏକାଧିକ ଗୃହ ଦିଆଯାଇଥିବା ଦେଖିବାକୁ ମିଳିଛି ବୋଲି ଦର୍ଶାଯାଇଛି। ଏହି ଦାବିପତ୍ର ଦେବାବେଳେ ସଂଘ ସଭାପତି ରାଜେଶ ବରର୍ତ୍ତୀ, ସୁଦାମ ସେଠ, ପଙ୍କଜ ରଣା, ଶୁଖଦେବ ମନହିରା, କ୍ଷେତ୍ର ରଣା ଆଦି ବହୁ ହିତାଧିକାରୀ ଉପସ୍ଥିତ ଥିଲେ ।


ସରପଞ୍ଚଙ୍କ ଜରିଆରେ ହିତାଧିକାରୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ମୁରିବାହାଲଠାରେ ଗଣଦୌଡ଼ ପ୍ରତିଯୋଗିତା

ମୁରିବାହାଲ,୧୧।୮( ଶ୍ରୀବତ୍ସ ବେହେରା)


ଗଣଦୌଡ଼ ପ୍ରତିଯୋଗିତା ପୂର୍ବରୁ ଉପସ୍ଥିତ ପ୍ରତିଯୋଗୀ, ଅତିଥି, ଆୟୋଜକ।

**ଭାଗନେଲେ ୩୦୦ ପ୍ରତିଯୋଗୀ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ସମାରୋହ ଉପଲକ୍ଷେ ଶୁକ୍ରବାର ଏକ ଗଣଦୌଡ଼ ପ୍ରତିଯୋଗିତା ବାଳିକା ଓ ବାଳକ ବିଭାଗସ୍ତରରେ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ବ୍ଲକ ପ୍ରଶାସନ ଓ ଜନସାଧାରଣଙ୍କ ଉଦ୍ୟମରେ ଆୟୋଜିତ ଗଣଦୌଡ଼ ପ୍ରତିଯୋଗିତା ମୁରିବାହାଲ ବ୍ଲକର ବିଏସ୍‌ଏସ୍‌ଓ ରିଙ୍କୁ ମେହେରଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ପ୍ରାୟ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ପ୍ରଥମେ ବାଳିକା ବିଭାଗର ଗଣଦୌଡ଼ ପ୍ରତିଯୋଗିତାକୁ ମୁରିବାହାଲ ଜୁନିୟର କଲେଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସେହିପରି ବାଳକ ବିଭାଗର ଗଣଦୌଡ଼ ପ୍ରତିଯୋଗିତାକୁ ଡିଗ୍ରୀ କଲେଜର ଅଧ୍ୟକ୍ଷ ସରୋଜ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଘୁଷୁରାମୁଣ୍ଡା ଗ୍ରାମଠାରୁ ମୁରିବାହାଲ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଖେଳପଡିଆ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ବାଳିକାମାନଙ୍କର ପ୍ରତିଯୋଗିତାରେ ପ୍ରଥମ ପ୍ରିୟଙ୍କା ଭୋଇ, ଦ୍ୱିତୀୟ ପ୍ରେମସିଲା ଧରୁଆ, ତୃତୀୟ ଭାରତୀ ଛୁରା ହୋଇଥିଲେ। ବାଳକ ବିଭାଗରେ ଟଙ୍କଧର ମାଝି ପ୍ରଥମ, ଆଶିଷ କୁଅଁର ଦ୍ୱିତୀୟ, ନରେନ୍ଦ୍ର ମହାକୁର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ ଗଣଦୌଡ଼ ପ୍ରତିଯୋଗିତାରେ ମୁରିବାହାଲ ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ହଳଦୀ ଓ ମୁରିବାହାଲ ଜୁନିୟର କଲେଜ, ଡିଗ୍ରୀ କଲେଜର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ଖେଳ ଶିକ୍ଷକ ରାଧେଶ୍ୟାମ ବଘାର ପରିଚାଳନା କରିଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପାତ୍ର, ଅଧ୍ୟାପକ ଦିଲ୍ଲୀପ କୁମାର ପଶାୟତ, ଅଧ୍ୟାପିକା ପୂଜାରାଣୀ ରଥ, ସ୍ନିଗ୍ଧାରାଣୀ ପ୍ରଧାନୀ ବୈକୁଣ୍ଠ ସାହୁ, ଅଂଶୁମାନ ଦାସ, ବିକ୍ରମ ତାଣ୍ଡି, ସାଗର ଦେହୁରୀ, ବ୍ଲକ ପକ୍ଷରୁ ରାଜକିଶୋର ସିଂ ବାବୁ, ଶ୍ରୀକାନ୍ତ ଜେନା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୁନୀଲ କୁମାର ଦାସ ଉପସ୍ଥିତ ଥିଲେ। ଏମାନଙ୍କ ସହ ପୋଲିସ ବିଭାଗ, ଅଗ୍ନିଶମ ବିଭାଗର ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ୧୫ ତାରିଖ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକମାନଙ୍କଠାରୁ ପ୍ରକାଶ।

## ସଂକ୍ଷେପରେ

### ଖଣ୍ଡା ଦେଖାଇ ଲୁଟ୍‌: ଦୁଇ ଗିରଫ

ତରଭା, ୧୧।୮ (ମାନଭଞ୍ଜନ ମିଶ୍ର)

ଜଣେ ବ୍ୟକ୍ତିଙ୍କୁ ଖଣ୍ଡା ଦେଖାଇ ଟଙ୍କା ଲୁଟ କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ୨ ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଜଣ ହେଲେ ଆକାଶ ମହାଲିଙ୍ଗ ଓ ରାଜନ ବର୍ଗତି। ଗୁରୁବାର ରାତିରେ ବାଇପାସ୍‌ ରାସ୍ତାର ପୁରୁଣା ବିଏସଏନଏଲ ଅଫିସ ପାଖକୁ ଶେଖ ବନ୍ଧୁ ଅଣ୍ଡା କିଣିବାକୁ ଯାଇଥିବା ବେଳେ ଆକାଶ ଓ ରାଜନ ହଠାତ୍‌ ଆସି ଖଣ୍ଡା ଦେଖାଇ ଟଙ୍କା ମାଗିଥିଲେ। ଭୟରେ ଶେଖବନ୍ଧୁ ପାଖରେ ଥିବା ଟଙ୍କା ଦେଲା ପରେ ଉଭୟ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ଶେଖ ତରଭା ଥାନାରେ ଏତଲା ଦେବା ପରେ ପୋଲିସ ଦୁହିଁଙ୍କୁ ଗିରଫ କରିଥିଲା।

### ସଂକୀର୍ତ୍ତନ କଳାକାର ବୃନ୍ଦାବନ ମିଶ୍ରଙ୍କ ପରଲୋକ


ବୃନ୍ଦାବନ ମିଶ୍ର (ଫାଇଲ ଫଟୋ)

ଅମରପାଲି, ୧୧।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ବଡବର୍‌ ଗ୍ରାମର ସଂକୀର୍ତ୍ତନ କଳାକାର ବୃନ୍ଦାବନ ମିଶ୍ର(୯୦ )ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ୪୦ ବର୍ଷ ଧରି ଅମିନ ଭାବେ ସମ୍ବଲପୁର ଜିଲାରେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଜନକସୁତା, ଦୁଇ ଝିଅ ବ୍ରଜେଶ୍ୱରୀ, ବିଦ୍ୟୁତ୍‌ପ୍ରଭା, ଜ୍ୱାଇଁ ଅବସରପ୍ରାପ୍ତ କୃଷି ଅଧିକାରୀ ଦୟାନିଧି ହୋତା ଓ ସନାତନ ପୁରୋହିତ, ନାତି ନାତୁଣୀ ଉପସ୍ଥିତ ଥିଲେ। ଗତ କିଛି ଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ନାତି ଅଭିଳାଷ ପୁରୋହିତ ମୁଖାଗ୍ନି ଦେଇଥିଲେ।

### ଫାଇଲେରିଆ ନିରାକରଣ ଔଷଧ ବଣ୍ଟନ କାର୍ଯ୍ୟକ୍ରମ

ବିନିକା, ୧୧।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସ୍ୱାସ୍ଥ୍ୟକେନ୍ଦ୍ର ଓ ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ମହାବିଦ୍ୟାଳୟରେ ଫାଇଲେରିଆ ରୋଗ ନିରାକରଣ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ହରିଶ୍ଚନ୍ଦ୍ର ହୋତାଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ଔଷଧ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଫାଇଲେରିଆ ରୋଗ ଦ୍ୱାରା ଆମର କ'ଣ କ୍ଷତି ହୁଏ ସେ ସମ୍ପର୍କରେ ଅଧ୍ୟକ୍ଷ ଡ. ପଧାନ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଶେଷରେ ଅଧ୍ୟାପକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ୪୫ ୟୁନିଟ ରକ୍ତ ସଂଗ୍ରହ

ପୁରୁଣାକଟକ, ୧୧।୮ (ସୁକାନ୍ତ ପଟ୍ଟନାୟକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବିରନରସିଂହପୁର ସ୍ଥିତ ନର୍ସରୀଠାରେ ଗଡଜାତ ସାଂସ୍କୃତିକ ପରିଷଦ ପକ୍ଷରୁ ବିଶ୍ୱ ଜନଜାତି ଦିବସ ଓ କ୍ରାନ୍ତି ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ର ଯୋଗ ଦେଇଥିଲେ । ଗଡଜାତ ସାଂସ୍କୃତିକ ପରିଷଦର ସଭାପତି ବିଶ୍ୱଜିତ ମିଶ୍ର, ସଂପାଦକ ଦେବାଶିଷ ମହାକୁଡ,ଜୟକିଶୋର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ନରେନ୍ଦ୍ର ସାହୁ, ଦେବେନ୍ଦ୍ର ସାହୁ, ରଘୁନାଥ ଷଡଙ୍ଗୀ, ସୁଜ୍ଞାନ ପ୍ରଧାନ ଓ ବିର୍ସାମୁଣ୍ଡା ଆଦିବାସୀ ମହାସଂଘ ସମେତ ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶିବିରରେ ୪୫ ୟୁନିଟରୁ ଅଧିକ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡିଛି ।

# ସତ୍ୟାଗ୍ରହରୁ ନବନିର୍ମାଣ ସ୍ୱରାଜ ସରକାର ଅଭିଯାନ ଆରମ୍ଭ

ସୋନପୁର, ୧୧।୮ (ମୃତ୍ୟୁଞ୍ଜୟ ଶତପଥୀ)


ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରାୟଶ୍ଚିତ ସତ୍ୟାଗ୍ରହ।

ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟଶ୍ଚିତ ସତ୍ୟାଗ୍ରହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟାଗ୍ରହରୁ ସୁବର୍ଣ୍ଣପୁର ଜିଲାରେ ନବନିର୍ମାଣ ସ୍ୱରାଜ ସରକାର ଅଭିଯାନ ଆରମ୍ଭ ହୋଇଛି। ଚାଷୀ ନେତା ଅକ୍ଷୟ କୁମାରଙ୍କ ଆହ୍ୱାନକ୍ରମେ ଚାଷୀ ବିରୋଧୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶାସନରେ ବସାଇ କରିଥିବା ପାପର ପ୍ରାୟଶ୍ଚିତ ସ୍ୱରୂପ ଏହି ସତ୍ୟାଗ୍ରହ ଆୟୋଜିତ ହୋଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଚାଷୀ ନେତା ତଥା ନବନିର୍ମାଣ ସ୍ୱରାଜ ସରକାରର ରାଜ୍ୟ କୋର କମିଟି ସଦସ୍ୟ ରାଜେନ୍ଦ୍ର ପ୍ରସାଦ ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ମିଶ୍ର କହିଥିଲେ ଓଡିଶାର ଚାଷୀମାନେ ଆର୍ଥିକ ଦୁରାବସ୍ଥାରେ ଅଛନ୍ତି। ଚାଷୀମାନେ ଅର୍ଥନୀତିର ଏକ ଅସଂଗଠିତ ଶ୍ରେଣୀର ହୋଇଥିବାରୁ ସେମାନେ ଅବହେଳିତ। ସେମାନଙ୍କୁ ସଂଗଠିତ କରି କୃଷକଙ୍କ ପାଇଁ ପ୍ରାଇସ, ପ୍ରେଷ୍ଟିଜ୍‌ ଓ ପେନ୍‌ସନ ନାରା ଦିଆ ଯାଇଥିଲା। କିନ୍ତୁ ଚାଷୀଙ୍କୁ ସରକାର ରାଜଧାନୀକୁ ପଶିବାକୁ ଦେଲେ ନାହିଁ। ଚାଷୀକୁ ତାର ଅଧିକାର ହାସଲ କରାଇବାକୁ ନବନିର୍ମାଣ ସ୍ୱରାଜ ସରକାର ଏକ ରାଜନୈତିକ ବିକଳ୍ପ ବୋଲି ମିଶ୍ର କହିଛନ୍ତି। ଓଡିଶାରେ ଦୀର୍ଘ ୨୩ ବର୍ଷ ଧରି ଏକ ସ୍ଥିର ସରକାର ରହିବା ଫଳରେ ରାଜ୍ୟ ଏକଛତ୍ରବାଦ ଆଡକୁ ଟାଣି ହୋଇଯାଉଛି। ପ୍ରଶାସନିକ ସ୍ୱେଚ୍ଛାଚାରୀ ଓ ଦୁର୍ନୀତି ବଢୁଛି। ରାଜ୍ୟରେ ୧୪୦ ଶୀତଳ ଭଣ୍ଡାର, ୮ ଚିନିକଳ ଓ ୧୬ ସୂତାକଳକୁ ସରକାର ବନ୍ଦ କରିଛନ୍ତି ବୋଲି ନବନିର୍ମାଣ ସ୍ୱରାଜ ସରକାର ପକ୍ଷରୁ କୁହାଯାଇଛି। ଏହି ସତ୍ୟାଗ୍ରହରେ ବୈକୁଣ୍ଠନାଥ ଶତପଥୀ, ସୁଧୀର ବଘାର, ପ୍ରଦୀପ ପ୍ରଧାନ, ଜୈମିନୀ ନାଏକ, ଶତ୍ରୁଘ୍ନ ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ନିତିନ ପଧାନ ଓ ମହାଦେବ ତରିଆ ପ୍ରମୁଖ ସାମିଲ ଥିଲେ।

# ଯୁବପିଢି ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ

ଘଣ୍ଟାପଡା, ୧୧।୮ (ପ୍ରଭାତ କୁମାର ସାହୁ)



କର୍ମଶାଳାରେ ଯୋଗ ଦେଇଥିବା ଅତିଥି।

### ପ୍ରେସ କ୍ଲବ ପକ୍ଷରୁ ସ୍ୱାବଲମ୍ବୀ ଭାରତ ସମ୍ପର୍କିତ କର୍ମଶାଳା

ଶିକ୍ଷା ସହ ଆଜିର ଯୁବପିଢି ଆତ୍ମ ନିର୍ଭରଶୀଳ ହେଲେ ଏକ ସମୃଦ୍ଧ ଓ ସ୍ୱାବଲମ୍ବୀ ଭାରତ ଗଠନ ହୋଇପାରିବ ବୋଲି ଶୁକ୍ରବାର ଘଣ୍ଟାପଡା ଡ଼ିଗ୍ରୀ କଲେଜରେ ଅନୁଷ୍ଠିତ କର୍ମଶାଳାରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଜିଲା ପ୍ରେସ କ୍ଲବ, ବୌଦ୍ଧର ୬ଷ୍ଠ ପ୍ରତିଷ୍ଠା ଦିବସ ଅବସରରେ କଣ୍ଟାମାଳ ବ୍ଲକ ଘଣ୍ଟାପଡା ଆଞ୍ଚଳିକ ଗ୍ରାମ ପଞ୍ଚାୟତ ମହାବିଦ୍ୟାଳୟଠାରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସ୍ୱାବଲମ୍ବୀ ଭାରତ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରେସ କ୍ଲବର ବରିଷ୍ଠ ସଦସ୍ୟ ଦିବ୍ୟଶଙ୍କର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ସଭାପତି କାର୍ତ୍ତିକେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଗିରିଧର ଦେହୁରୀ, ପ୍ରେସ କ୍ଲବ ସମ୍ପାଦକ ରଘୁନାଥ ଷଡ଼ଙ୍ଗୀ, ସଦସ୍ୟ ନରେନ୍ଦ୍ର କୁମାର ସାହୁ, ଦୁର୍ଯ୍ୟୋଧନ ବିଶି, ଜୟକୁମାର ମହାରଣା, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଭାତ କୁମାର ସାହୁ ଯୋଗଦେଇ ଯୁବପିଢ଼ି ସ୍ୱାବଲମ୍ବୀ ହେଲେ ଦାଦନ ସମସ୍ୟା ରହିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ରଞ୍ଜନ କୁମାର ପାତ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କଲେଜ ଅଧ୍ୟକ୍ଷ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ବଂଶୀଧର ମାଝୀ, ଦେବାଶିଷ ମଲିକ ଏବଂ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପିକ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଯୁବକ ଗିରଫ

ବାଉଁଶୁଣୀ, ୧୧।୮ (ଦେବାଶିଷ ନେପାକ)

ବୌଦ୍ଧ ଜିଲା ବ୍ରାହ୍ମଣୀପାଲି ପଞ୍ଚାୟତରେ ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ ଲକ୍ଷ୍ମୀଧର ଭୋଇଙ୍କୁ ଗିରଫ କରିଛି। ତାଙ୍କ ଘର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଦେଉଳିମୁଣ୍ଡା ଗ୍ରାମରେ। ଗତ ୯ ତାରିଖ ରାତିରେ ଯୁବକ ଜଣକ ମହିଳାଙ୍କ ଘରେ ପଶି ବଳାତ୍କାର କରିଥିବା ନେଇ ବାଉଁଶୁଣୀ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ମାମଲା ରୁଜୁ କରିଛି। ଶୁକ୍ରବାର ଦିନ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅରୁଣ କୁମାର ସିଂ କହିଛନ୍ତି।

### ଅଡ଼ାଲରେ ରାସ୍ତା କଡରୁ ଜବରଦଖଲ ଉଚ୍ଛେଦ

ଅମରପାଲି, ୧୧।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଖଣ୍ଡହତା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ଅଡାଲ ଗ୍ରାମରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଅଡାଲ ଗ୍ରାମ ଦେଇ ମୁର୍ଷ୍ଟି–ଖଣ୍ଡହତା–ସୁବଲୟାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ରାସ୍ତା ଯାଇଛି। ନୂତନ ଭାବେ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ଅଡାଲ ଗ୍ରାମରେ ରାସ୍ତା ପାର୍ଶ୍ୱରେ ଜବରଦଖଲ ଯୋଗୁ ରାସ୍ତା ଅଣଓସାରିଆ ହୋଇ ଯାତାୟାତରେ ସମସ୍ୟା ଦେଖା ଦେଉଥିଲା। ରାସ୍ତା ଓସାର କରିବା ପାଇଁ ଜବରଦଖଲ ଉଚ୍ଛେଦ କରିବାକୁ ବୀରମହାରାଜପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ସରକାରୀ ଜାଗା ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାୟ ୪–୫ ଜଣ ବ୍ୟକ୍ତି ସରକାରୀ ଜାଗାରେ ଘର କରିଥିବାରୁ ନିଜ ନିଜ ଘର ଭାଙ୍ଗି ଦେଇ ଜାଗା ଛାଡି ଦେଇଥିଲେ। ମାତ୍ର ଅନ୍ୟ କେତେଜଣ ବ୍ୟକ୍ତି ସରକାରୀ ଜାଗା ଛାଡି ନ ଥିଲେ। ବୁଧବାର ପୂର୍ବାହ୍ନରେ ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଉକ୍ତ ଜବରଦଖଲକାରୀଙ୍କ ରାସ୍ତା ପାର୍ଶ୍ୱରେ ଥିବା ଘରକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି। ଉଚ୍ଛେଦ ବେଳେ ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡହତା ଆରଆଇ ରାଜେନ୍ଦ୍ର ମିଶ୍ର,ଏଆରଆଇ ବିଜୟ କୁମାର ବାରା,ପୂର୍ତ୍ତ ବିଭାଗ ଅଧିକାରୀ, ସୁବଲୟା ଥାନାର ଏସଆଇ ଦିପ୍ତିରଞ୍ଜନ ଦିଗାଲଙ୍କ ସମେତ ପୋଲିସ ଫୋର୍ସ ମୁତୟନ ଥିଲେ।

# ୩ ଦଫା ଦାବି ନେଇ ବିକ୍ଷୋଭ



ଦାବିପତ୍ର ଦେବା ପାଇଁ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ବୌଦ୍ଧ, ୧୧।୮ (ଅଜିତ କୁମାର ବାରିକ)

### କେନ୍ଦ୍ରୀୟ ହାରରେ ଗ୍ରେଡ୍ ପେ ୪୨୦୦ ଦାବି

ବୌଦ୍ଧ ଜିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ଶୁକ୍ରବାର ଦିନ ୩ ଦଫା ଦାବି ନେଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସହିତ ଶିକ୍ଷା ସହାୟକ ଓ ଶିକ୍ଷାକର୍ମୀଙ୍କ ଠିକା କାର୍ଯ୍ୟକାଳକୁ ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରିରେ ଗଣନା କରିବା, କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ, ରାଜ୍ୟରେ ସମସ୍ତ ବର୍ଗର ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ମୂଳ ବେତନ ଲେବୁଲ -୯ କେନ୍ଦ୍ରୀୟ ହାରରେ ଗ୍ରେଡ ପେ ୪୨୦୦ କରିବା ଆଦି ଦାବି ରହିଛି । ଶିକ୍ଷକ ସଂଘ ପକ୍ଷରୁ ଏକ ଶୋଭଯାତ୍ରା ବାହାରି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ କରାଯିବା ସହ ଦାବିପତ୍ର ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଦିଲୀପ ପ୍ରଧାନ, ସମ୍ପାଦକ ମହେଶ ସେଠୀ, ଉପସଭାପତି ଶମ୍ଭୁ ପ୍ରସାଦ ଗିରି, ଶିଶିର ଖଟୁଆ, ବିରେନ ଦାଶିଆ, ନୀଳାଞ୍ଚଳ ପାଢୀ, ସୁବାସ ପ୍ରଧାନଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ଥିଲେ।




### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଦେବାଶିଷ


@ ପ୍ରମୋଦ


@ ପପୁନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପଟ୍ଟନାୟକଙ୍କ ପରଲୋକ

ବୌଦ୍ଧ, ୧୧।୮ (ଅଜିତ କୁମାର ବାରିକ)



ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପଟ୍ଟନାୟକ (୮୫)ଙ୍କ ଭୁବନେଶ୍ୱରଠାରେ ଗତ ଗୁରୁବାର ଦିନ ପରଲୋକ ହୋଇଯାଇଛି। ସେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦକ୍ଷତାର ସହ କାର୍ଯ୍ୟ ତୁଲାଇ ୧୯୯୬ରେ ଅବସର ଗ୍ରହଣ କରିଥିଲେ। ଶୁକ୍ରବାର ଦିନ ନିରୁପମାଙ୍କ ପରଲୋକ ଖବର ବୌଦ୍ଧରେ ପ୍ରଚାରିତ ହେବା ପରେ ତାଙ୍କ ସହକର୍ମୀ, ପୁରାତନ ଛାତ୍ରୀ ଓ ଅଭିଭାବକ ମହଲରେ ଶୋକପ୍ରକାଶ ପାଇଛି। ସହକର୍ମୀ ଭାବେ କାର୍ଯ୍ୟ କରିଥିବା ପ୍ରଭାତି ଦେଇ, ଉର୍ମିଳା ସାହୁ, ପ୍ରମିଳା ପଟ୍ଟନାୟକ,ସୀତା ପଟ୍ଟନାୟକ, ବୀଣାପାଣି ମହାପାତ୍ର, ପ୍ରମିଳା ବେହେରା, ସ୍ନେହଲତା ପୁରୋହିତ ପ୍ରମୁଖ ତାଙ୍କ ବିୟୋଗରେ ଶୋକପ୍ରକାଶ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ଗାଁ' ମୁଣ୍ଡରୁ ରକ୍ତାକ୍ତ ମୃତଦେହ ଜବତ: ହତ୍ୟା ସନ୍ଦେହ

ବାଉଁଶୁଣୀ, ୧୧।୮ (ଦେବାଶିଷ ନେପାକ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଲୁମୁରୁଜୁନା ଗାଁ ମୁଣ୍ଡରୁ ଶୁକ୍ରବାର ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପୋଲିସ ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ମନମୁଣ୍ଡା ଥାନା ଲୁମୁରଜୁନା ଗ୍ରାମର ସମାରୁ ଗେଜ(୩୫)। ଏହି ଘଟଣାରେ ପୋଲିସ ସେହି ଗ୍ରାମର ଦୁଇ ଭାଇଙ୍କୁ ଅଟକ ରଖି ପଚରାଉଚରା କରୁଛି। ପ୍ରକାଶ ଯେ, ଗୁରୁବାର ସମାରୁ ଗାଈ ଚରାଇବାକୁ ଗ୍ରାମ ପଡିଆକୁ ଯାଇ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶେଷରେ ପରିବାର ଲୋକ ମନମୁଣ୍ଡା ଥାନାରେ ଜଣାଇଥିଲେ। ତେବେ ସକାଳେ ସମାରୁଙ୍କ ମୃତଦେହ ଗାଁ ମୁଣ୍ଡରେ ପଡ଼ିଥିବା ନେଇ ପୋଲିସକୁ ଖବର ଦିଆଯାଇଥିଲା। ତାଙ୍କୁ କେହି ଦୁର୍ବୃତ୍ତ ଟାଙ୍ଗିଆରେ ହାଣି ପକାଇ ଦେଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ମନମୁଣ୍ଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସମାରୁଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ । ଏ ନେଇ ମନମୁଣ୍ଡା ଥାନାରେ ନଂ ୧୮୮/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ୩୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ ଜବତ କଲା ପୋଲିସ

ଡୁଙ୍ଗୁରିପାଲି, ୧୧।୮ (ଦୀନବନ୍ଧୁ ସୁନା)



ପୋଲିସ ଜବତ କରିଥିବା ଚାଉଳ।

- ଦୋକାନ ଉପରେ ଚଢ଼ାଉ
- ବେଆଇନ ଭାବେ ରଖାଯାଇଥିଲା

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଏଫସିଆଇ ଗେଟ ସମ୍ମୁଖରେ ଥିବା ଏକ ଦୋକାନରେ ସ୍ଥାନୀୟ ପୋଲିସ ଶୁକ୍ରବାର ଚଢାଉ କରି ୩୩ କୁଇଣ୍ଟାଲ ୪୫ କେଜି ଚାଉଳ ଜବତ କରିଛି। ଜବତ ଚାଉଳର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟାରେ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ଓ ତାଙ୍କ ଟିମ୍‌ କୌଣସି ସୂତ୍ରରୁ ଖବର ପାଇ ଡୁଙ୍ଗୁରିପାଲି ୨୬ ନମ୍ବର ଜାତୀୟ ରାଜପଥ ଏଫସିଆଇ ଗେଟ ସମ୍ମୁଖ ଦୋକାନରେ ଚଢାଉ କରିଥିଲେ। ଦୋକାନ ଭିତରୁ ବେଆଇନ ଭାବେ ଗଚ୍ଛିତ ଥିବା ଚାଉଳ ପୋଲିସ ଜବତ କରି ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତ ପାଣିଙ୍କୁ ଖବର ଦେଇଥିଲା। ଯୋଗାଣ ନିରୀକ୍ଷକ ପାଣି ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ବର୍ତ୍ତମାନ ଡୁଙ୍ଗୁରିପାଲି ବ୍ଲକର ପ୍ରତି ପଞ୍ଚାୟତରେ ରାଶନ କାର୍ଡ ହିତାଧିକାରୀମାନଙ୍କୁ ଭିଟାମିନଯୁକ୍ତ ଚାଉଳ ସରକାରଙ୍କ ତରଫରୁ ବଣ୍ଟନ କରାଯାଉଛି। କିନ୍ତୁ ଜବତ ଚାଉଳ ପଞ୍ଚାୟତରେ ରାଶନକାର୍ଡଧାରୀଙ୍କୁ ଦିଆଯାଉଥିବା ଭିଟାମିନ ଯୁକ୍ତ ଚାଉଳ ନୁହେଁ ବୋଲି ବ୍ଲକ ଯୋଗାଣ ନିରୀକ୍ଷକ ପାଣି କହିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ଏତେ ପରିମାଣର ଚାଉଳ ଦେକାନକୁ ଆସିଲା କେମିତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚାଉଳ ଓ କିଛି ଖାଲି ଥିବା ବସ୍ତା ପୋଲିସ ଜବତ କରି ଥାନାରେ ରଖିଛି। ଦୋକାନର ମାଲିକ ରଞ୍ଜନ ସ୍ୱାଇଁଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତାଙ୍କ ନାମରେ ନଂ୧୩୫/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ଥାନା ପ୍ରତିଷ୍ଠା ଦାବି ନେଇ ୧୨ ଘଣ୍ଟିଆ ବନ୍ଦ

**ହେମଗିର,୧୧।୮(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ବିଲେଇମୁଣ୍ଡାରେ ପୋଲିସ ଥାନା ପ୍ରତିଷ୍ଠା ଦାବିରେ ଶୁକ୍ରବାର ୧୨ ଘଣ୍ଟିଆ ବିଲେଇମୁଣ୍ଡା ବନ୍ଦ ଡାକରା ଦିଆଯାଇଥିଲା । ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦୋକାନ, ବଜାର, ଗାଡି ଚଳାଚଳ ବନ୍ଦ କରାଯାଇଥିଲା । ଏହା ସହ ଧାରଣା ଦିଆଯାଇଥିଲା । ଟ୍ରକ ଚଳାଚଳ ବନ୍ଦ ଯୋଗୁ ଛତିଶଗଡ଼କୁ କୋଇଲା ପରିବହନ କରୁଥିବା ଶହଶହ ଟ୍ରକ ଅଟକି ରହିଥିଲା । ବନ୍ଦକୁ ଦୃଷ୍ଟିରେ ରଖି ବିଲେଇମୁଣ୍ଡାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଏହି ଆନ୍ଦୋଳନରେ ଗୋପାଲ ପଧାନ, କେଶବ ପଧାନ, ପୁନୁଲାଲ ପଧାନ, ବିଶି ବେହେରା, କୁନ୍ଦଣ ସା, ଜୟସ ଠକ୍କର, ବିରକିଶୋର ପଧାନ, କମଲ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ । ସନ୍ଧ୍ୟାରେ ବନ୍ଦ ପ୍ରତ୍ୟାହୃତ ହୋଇଥିଲା । ଯାନବାହନ ଚଳାଚଳ କରିଥିଲା । ତେବେ ଥାନା ପ୍ରତିଷ୍ଠା ନେଇ କୌଣସି ପ୍ରତିଶ୍ରୁତି ମିଳିନାହିଁ।



ଆନ୍ଦୋଳନରେ ସାମିଲ ହୋଇଥିବା ସଚେତନ ନାଗରିକ।

ପ୍ରକାଶ ଯେ, ଗତ ୩ ତାରିଖ ରାତିରେ ଲୁଆବାହାଲ ଠାରେ ରହୁଥିବା ହେମଗିର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ବିଜେଡି ନେତା ଗୋପାଳ ପ୍ରଧାନଙ୍କ ଘରେ ସଶସ୍ତ୍ର ଡକାୟତି ପରେ ଅଞ୍ଚଳବାସୀଙ୍କ ନିଦ ହଜିଯାଇଛି । ଅଞ୍ଚଳରେ କୋଇଲା ପରିବହନଜନିତ ଦୁର୍ଘଟଣା ସହ ଡକାୟତି, ଚୋରି ବୃଦ୍ଧି ପାଇଛି। ବିଶେଷ କରି ଅପରାଧ କାର୍ଯ୍ୟକଳାପରେ ସୀମାନ୍ତ ଛତିଶଗଡ଼ ଅପରାଧୀମାନେ ସାମିଲ ରହୁଥିବା ଓ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି। ଯାହା ଉଭୟ ପୋଲିସ ଓ ସାଧାରଣଜନତାଙ୍କୁ ଚିନ୍ତାରେ ପକାଇଛି। ଏହା ବ୍ୟତୀତ ଅଞ୍ଚଳରେ ବେଦାନ୍ତର ଜାମକାନି କୋଇଲା ଖଣି ଖୋଲା ଚାଲିଥିବା ଓ ଆଗକୁ ବହୁ କୋଇଲା ଖଣି ଖୋଲିବାକୁ ଥିବାରୁ ଅଞ୍ଚଳରେ ଟ୍ରାଫିକ ସମସ୍ୟା ସହ କୋଇଲା ପରିବହନ ତଥା ବେପାରକୁ ନେଇ ଅପରାଧ ବଢିବା ନିଶ୍ଚିତ। ସୀମାନ୍ତରେ ଏସବୁ ଆଇନଶୃଙ୍ଖଳା ଓ ଅପରାଧ ରୋକିବାକୁ ସୀମାନ୍ତରେ ନୂଆ ଥାନା ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଛି। ଏହି କ୍ରମରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଓ ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସମ୍ପାଦକ ଯୋଗେଶ କୁମାର ସିଂ ଅଞ୍ଚଳରେ ପୋଲିସ ଥାନା ପ୍ରତିଷ୍ଠା ପାଇଁ ସରକାରଙ୍କ ଆଗରେ ଦାବି ରଖିଥିଲେ ।

## ଗାଁରେ ଥାଇ ସୁଦ୍ଧା ଖତିଆନରେ ପଳାତକ

**ବଡ଼ଗାଁ, ୧୧।୮(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଏକମା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପଳାତକ ଦେଖାଇ ତାଙ୍କ ଜମିରେ ମଙ୍ଗଳ ବିଭାଗର ସ୍କୁଲ କରାଯାଇଥିବା ଅଭିଯୋଗ କରି ସଂପୃକ୍ତ ବ୍ୟକ୍ତି ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଘଟଣା ହେଲା, ଏକମା କିସାନପଡାର ଆତ୍ମାରାମ ଗଣ୍ଡାଙ୍କୁ ୧୯୭୮ ମସିହାରେ ୮୦ ଡିସିମିଲ ଘରଡିହର ଇଜମାଲି ପଟ୍ଟା ମିଳିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେହି ଜମିରେ ମଙ୍ଗଳ ବିଭାଗର ସ୍କୁଲ ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ସେ ରାଜସ୍ୱ ବିଭାଗରୁ ଏ ସମ୍ବନ୍ଧୀୟ କାଗଜପତ୍ରର ନକଲ ବାହାର କଲାପରେ ତାଙ୍କୁ ପଳାତକ ଦର୍ଶାଯାଇଥିବା ଜଣାପଡିଥିଲା। ଏ ନେଇ ସେ ଅଦାଲତରେ ଅଭିଯୋଗ ଦାଖଲ କରିଥିବା ତାଙ୍କଠାରୁ ଜଣାପଡିଛି। ଛୋଟ ବେଳୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଗାଁରେ ଥିବା ସତ୍ତ୍ୱେ ତାଙ୍କୁ ପଳାତକ ସଜେଇ ତାଙ୍କ ଜମିକୁ ନେଇଯାଇଥିବା ସେ କହିଛନ୍ତି।

## ପୁଅର କାଠ ଫାଳିଆ ମାଡ଼ରେ ବାପା ମୃତ

**ଲହୁଣୀପଡ଼ା,୧୧।୮(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ମହୁଲପଦା ପଞ୍ଚାୟତ କୁମୁଣ୍ଡି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ସାମାନ୍ୟ କଥାକୁ କେନ୍ଦ୍ର କରି ପୁଅ କାଠ ଫାଳିଆରେ ପିଟି ପିଟି ବାପାଙ୍କୁ ମାରି ଦେଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ, ଲହୁଣୀପଡ଼ା ବ୍ଲକ ମହୁଲପଦା ପଞ୍ଚାୟତ ଅନ୍ତର୍ଗତ କୁମୁଣ୍ଡି ଗ୍ରାମର ଟିକେଶ୍ୱର କାଲୋ (୫୩)ଓ ପରିବାରର ଲୋକେ ଗୁରୁବାର ରାତିରେ ଖାଇସାରି ଶୋଇପଡିଥିଲେ। ବିଳମ୍ବିତ ରାତିରେ ଟିକେଶ୍ୱର କାଲୋଙ୍କ ସାନ ପୁଅ ସଞ୍ଜୟ କାଲୋ ଘରକୁ ଆସିବାରୁ ବାପ ଟିକେଶ୍ୱର କାଲୋ ଏତେ ରାତି ପର୍ଯ୍ୟନ୍ତ କୁଆଡ଼େ ଯାଇଥିଲୁ ବୋଲି ପଚାରିବାରୁ ବାପ ପୁଅ ମଧ୍ୟରେ ଝଗଡା ହୋଇଥିଲା। ପାଖରେ ଥିବା ଏକ କାଠଫାଳିଆରେ ସଞ୍ଜୟ (୧୯)ଟିକେଶ୍ୱରଙ୍କ ମୁଣ୍ଡରେ ବାରମ୍ବାର ପିଟିବାରୁ ସେ ରକ୍ତାକ୍ତ ଅବସ୍ଥାରେ ତଳେ ପଡିଯିବା ସହିତ କିଛି ସମୟ ପରେ ମୃତ୍ୟୁବରଣ କରିଥିଲେ। ଏ ସଂକ୍ରାନ୍ତରେ ପରିବାର ଲୋକ ଶୁକ୍ରବାର ମହୁଲପଦା ଥାନାକୁ ସୂଚନା ଦେବାରୁ ଖବରପାଇ ମହୁଲପଦା ପୋଲିସ କୁମୁଣ୍ଡି ଗ୍ରାମରେ ପହଞ୍ଚି ସଞ୍ଜୟଙ୍କୁ ନିଜ ହେପାଜତକୁ ନେବା ସହିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଣେଇ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି। ଶନିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ଦେଇଛନ୍ତି। ସଞ୍ଜୟ କାଲୋଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବଡ଼ଗାଁ, ୧୧।୮(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ଗ୍ରାମର ଖେଳ ପଡିଆରେ ଚାମ୍ପିୟନ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ତୁଡାଲଗା ଜୟ ଶ୍ରୀରାମ କ୍ଲବ ପକ୍ଷରୁ ଆୟୋଜିତ ଏହି ଚାମ୍ପିୟନ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଉଦଘାଟନୀ କାର୍ଯ୍ୟକ୍ରମରେ ବଡ଼ଗାଁ ବିଡ଼ିଓ କ୍ଷମାନିଧି ଭୋଇ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଏପିଓ ତପନ କୁମାର ପୂଜାରୀ, ଗଣମାଧ୍ୟମ ପ୍ରତିନିଧି ଲବଣୀଧାର ପୃଷେଟ ଯୋଗଦେଇଥିଲେ। ଟୁର୍ନାମେଣ୍ଟ ଆରମ୍ଭ ପୂର୍ବରୁ ଜୟ ଶ୍ରୀରାମ କ୍ଲବର ପତାକାକୁ ଜିଲା ପରିଷଦ ସଭ୍ୟ ପ୍ରଧାନ ଉତ୍ତୋଳନ କଲାପରେ ଚାମ୍ପିୟନ ଟ୍ରଫିକୁ ଉଦ୍‌ଘାଟନ କରାଯାଇଥିଲା। ଅତିଥିମାନେ ଉଦଘାଟନୀ ମ୍ୟାଚର ଖେଳାଳିମାନଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସାକ୍ଷାତ କଲାପରେ ଫୁଟବଲ କିକ କରି ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଟୁର୍ନାମେଣ୍ଟ ଅଗଷ୍ଟ ୧୫ ତାରିଖ ଉଦଯାପିତ ହେବ। ଏହି ଟୁର୍ନାମେଣ୍ଟରେ ସୁନ୍ଦରଗଡ ଝାରସୁଗୁଡା ଓ ସମ୍ବଲପୁର ଜିଲାର ୨୪ଟି ଟିମ ଅଂଶଗ୍ରହଣ କରିଛନ୍ତି। ଚାମ୍ପିୟନ ଟିମକୁ ୮୦ ହଜାର, ଉପ ବିଜେତା ଟିମକୁ ୪୫ ହଜାର, ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଥିବା ଟିମକୁ ୧୫ ହଜାର ଟଙ୍କା ଲେଖାଏଁ ପୁରସ୍କୃତ କରାଯିବ। ଏହା ସହିତ ବେଷ୍ଟ ପ୍ଲେୟାର, ବେଷ୍ଟ ଗୋଲକିପର, ବେଷ୍ଟ ଡିଫେନଡର ଭାବେ ଚୟନ ହୋଇଥିବା ଖେଳାଳିଙ୍କୁ ପୁରସ୍କୃତ କରାଯିବ। ଟୁର୍ନାମେଣ୍ଟରେ ହେମନ୍ତ ଦାସ, ଦେବେନ୍ଦ୍ର କିସାନ, ଅଶୋକ ପାଣ୍ଡବ, ନିତ୍ୟାନନ୍ଦ ମେହେର ଖେଳ ପରିଚାଳନା କରୁଥିଲାବେଳେ ଅର୍ଜୁନ ମହାକୁଡ ଖେଳର ଧାରାବିବରଣୀ ଦେଉଛନ୍ତି। ଆୟୋଜକ କମିଟିର କର୍ମକର୍ତ୍ତା ପୂର୍ଣ୍ଣ ମାଝୀ, ରବିନ ବାଡ଼ା, ମୁନୁ ନାଏକ, ଅର୍ଜୁନ ବାଗ, ଜଗ ମାଝୀ, ବାବୁଲାଲ ବରୁଆ, ଅମର ମାଝୀ, ବିଷ୍ଣୁ ମିଞ୍ଜ, ବିଜୁ ମିଞ୍ଜ, ରୋମାଞ୍ଚ ମାଝୀ, ସଞ୍ଜୟ, ସୁନିଲ ପ୍ରମୁଖ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦ ବର୍ଷ ପୂର୍ବେ ତୁଡାଲଗା ଗ୍ରାମର ସ୍ୱର୍ଗତ ନରେନ୍ଦ୍ର ମାଝୀ, ସ୍ୱର୍ଗତ ହରିହର ମାଝୀ, ତ୍ରିଲୋଚନ ମାଝୀ ଗଣେଶ ପିଙ୍ଗ, କଳାକାର ବାଗଙ୍କ ସହିତ କେତେକ ବ୍ୟକ୍ତି ଟୁର୍ନାମେଣ୍ଟ ଆରମ୍ଭ କରିଥିଲେ।


ତୁଡାଲଗା ଚାମ୍ପିୟନ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମୁହୂର୍ତ୍ତ।

## ସ୍କାଉଟ୍ସ ମାଷ୍ଟର, ଗାଇଡ୍ସ କ୍ୟାପଟେନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ସ୍କାଉଟ୍ସ ଓ ଗାଇଡ୍ସଙ୍କ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଓ ଅନ୍ୟମାନେ।

**କୁତ୍ରା, ୧୧।୮(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଭାରତ ସ୍କାଉଟ୍ସ ମାଷ୍ଟର ଓ ଗାଇଡ୍ସଙ୍କ ୭ ଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ମୁଖ୍ୟ କମିଶନର ତଥା ଭାରତ ସ୍କାଉଟ୍ସ ଗାଇଡ୍ସର ଉପସଭାପତି ଡ. କାଳିପ୍ରସାଦ ମିଶ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ମୁଖ୍ୟ କମିଶନର ଅମୂଲ୍ୟ କୁମାର ପଧାନ ଯୋଗଦେଇ ସୁନ୍ଦରଗଡ଼ ଜିଲାର ୧୦୩ ଜଣ ସ୍କାଉଟ୍ସ ଓ ଗାଇଡ୍ସଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ଜିଲା କମିଶନର ବ୍ରଜେନ୍ଦ୍ର ଦାଶ, ଜିଲା କମିଶନର ଗାଇଡ୍ସ ଆରାଧନା ଭୋଇ, ସ୍କାଉଟ୍ସ କମିଶନର ବିଭୀଷଣ ବାରିକ, କୁତ୍ରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ତରଫରୁ ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ରଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କୁତ୍ରା ବ୍ଲକ ଓଷ୍ଟା ତଥା ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ମଧ୍ୟ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ମିଶ୍ର କୁତ୍ରା ଉଚ୍ଚ ବିଦ୍ୟାଳୟକୁ ସ୍କାଉଟ୍ସ ଗାଇଡ୍ସର ଆଞ୍ଚଳିକ ତାଲିମ କେନ୍ଦ୍ର ଭାବେ ଘୋଷଣା କରି ବିଦ୍ୟାଳୟ ପରିସରରେ ତାରା ରୋପଣ କରିଥିଲେ। ସ୍କାଉଟ୍ସ ଓ ଗାଇଡ୍ସ ମଧ୍ୟ ତାରା ରୋପଣ କରିଥିଲେ। ଶିବିରକୁ ରାଜ୍ୟ ସ୍କାଉଟ୍ସ ତାଲିମ କମିଶନର ସୁରଜିତ ସେନ, ରାଜ୍ୟ ତାଲିମ କମିଶନର ଗାଇଡ୍ସ ପ୍ରିୟଦର୍ଶିନୀ ମହାପାତ୍ର, ମାଧବିକା ମହାପାତ୍ର ପରିଚାଳିତ କରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଶିବିର ପରିଚାଳନାରେ ଜିଲା ତାଲିମ କମିଶନର ଜନଶନ ଖାଖା, ଜିଲା ସ୍କାଉଟ୍ସ ସାଙ୍ଗଠନିକ କମିଶନର ବ୍ରିଧିଚନ୍ଦ୍ର ବିଲୁଙ୍ଗ, ଜିଲା ଗାଇଡ୍ସ ସାଙ୍ଗଠନିକ କମିଶନର ଦୀପିକା କେରକେଟା, ତାଲିମ ସହାୟକ ସବିତା ଦାସ, ନୂତନ ହରୋ, ଧୃତିସୁନ୍ଦର ସାହୁ, ଶ୍ରୀକାନ୍ତ ସାହୁ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଦେବାଶିଷ


@ ପ୍ରମୋଦ


@ ପପୁନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗୁଣ୍ଡିଚା ମନ୍ଦିର ଜମିରୁ ଜବରଦଖଲ ଉଚ୍ଛେଦ କଲେ ତହସିଲଦାର

**ବିଶ୍ରା,୧୧।୮(ବଟକୃଷ୍ଣ ସ୍ୱାଇଁ)**

ବିଶ୍ରାସ୍ଥିତ ମାଉସୀ ମା’ ମନ୍ଦିର ଜମିକୁ ଜଣେ ଲୋକ ଜବରଦଖଲ କରି ଗୁହାଳ ଘର କରିଥିଲେ। ଫଳରେ ମନ୍ଦିର କମିଟି ପକ୍ଷରୁ ଯେତେ କହିଲେ ମଧ୍ୟ ଜବରଦଖଲକାରୀ କିଛି ଶୁଣୁ ନ ଥିଲେ। ମନ୍ଦିର କମିଟି ପକ୍ଷରୁ ସ୍ଥାନୀୟ ଲୋକେ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଲା ନାହିଁ। ଶେଷରେ କମିଟି ପକ୍ଷରୁ ସ୍ଥାନୀୟ ସମାଜସେବୀ ପ୍ରଦୀପ ରାଉତରାୟ ମନ୍ଦିର କମିଟି ସଭାପତି କୈଳାଶ ସାହୁ, ସମ୍ପାଦକ ବଟକୃଷ୍ଣ ସ୍ୱାଇଁ, ସନ୍ତୋଷ କୁମାର ବେହେରା, ସ୍ମୃତି ମହାନ୍ତି ଅନ୍ୟ ସଦସ୍ୟମାନେ ଦେବାଶିଷ ଭୂୟାଁ ରାଜେନ୍ଦ୍ର ସିଂ ମିଶି ସ୍ଥାନୀୟ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ନୋଟିସ ଜାରି କରିଥିଲେ ମଧ୍ୟ ଜବରଦଖଲକାରୀ ଗୁହାଳ ଘର ଭାଙ୍ଗି ନ ଥିଲେ। ଶେଷରେ ସ୍ଥାନୀୟ ତହସିଲ ଅଫିସ ପକ୍ଷରୁ ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ ପକ୍ଷରୁ କଡା ସୁରକ୍ଷା ମଧ୍ୟରେ ଜେସିବି ଲଗାଇ ଗୁହାଳ ଘର ଭାଙ୍ଗି ଦିଆଯାଇଛି। ପରେ ସେଠାରେ ଗୁଣ୍ଡିଚା ମନ୍ଦିର ନିର୍ମାଣ ପାଇଁ ପଥ ପରିଷ୍କାର ହେବାରୁ ଗ୍ରାମବାସୀ ମନ୍ଦିର କମିଟି ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି।

## ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଲହୁଣୀପଡ଼ା,୧୧।୮(ଦାଶରଥି ପଣ୍ଡା)**




ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ଲମସି ଓ ନନ୍ଦାପଡା ଗ୍ରାମରେ ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ ଫାଇଲେରିଆ ରୋଗ ତଥା ରୋଗୀଙ୍କ ସ୍ଥିତି ଏହି ରୋଗ କିଭଳି ଭାବେ ହୋଇଥାଏ, ରୋଗର ଲକ୍ଷଣ, ଏହି ରୋଗର ଭୟାବହତା ତଥା ରୋଗର ନିରାକରଣ ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦେବା ସହ ବିସ୍ତୃତ ଭାବେ ପ୍ରକାଶ କରିଥିଲେ। ଏହି କ୍ରମରେ ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ଜିଲାରେ ଚଳିତ ଅଗଷ୍ଟ ମାସ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କର୍ଯ୍ୟକ୍ରମ ଚାଲିବା ନେଇ ଏଥି ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପମାନ ମଧ୍ୟ ଗ୍ରହଣ କରାଯାଇଛି । ବ୍ଲକରେ ୨୧୩ ଗୋଟି ଟିମ ଗଠନ କରାଯାଇଛି ଏବଂ ସେମାନଙ୍କୁ ସାମୂହିକ ଓଷଧ ସେବନ ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଛି। ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଔଷଧ ସେବନ ବ୍ୟବସ୍ଥା ରହିଛି। ଏଥି ନିମନ୍ତେ ୪ ଗୋଟି ବୁଥ ମଧ୍ୟ କାର୍ଯ୍ୟକାରୀ କରାଯିବ। ସେହିପରି ୧୪ ଗୋଟି ମୋବାଇଲ ଟିମ ମଧ୍ୟ ଗଠନ କରାଯାଇ ସ୍କୁଲ, କଲେଜ ଓ ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, କାରାଗାର, ହାଉସିଂ ସୋସାଇଟି ଓ ଘର କୁ ଘର ଯାଇ ବୟସ ଅନୁପାତରେ ଔଷଧ ସେବନ କରେଇବାର ସୂଚନା ଦେଇଥିଲେ। ଗର୍ଭବତୀ ମହିଳା, ୨ ବର୍ଷ ରୁ କମ ବୟସ୍କ ଶିଶୁ, ଗୁରୁତର ରୋଗୀ ତଥା ମା’ଙ୍କୁ ଶିଶୁ ଜନ୍ମ ର ଏକ ସପ୍ତାହ ମଧ୍ୟରେ ଏହି ଔଷଧ ଦିଆଯିବ ନାହିଁ। ସେହିପରି ଲହୁଣୀପଡ଼ା ବ୍ଲକକୁ କଳା ପଂଚାୟତ ଉଲସୁରେଇ ସ୍ଥିତ ଖୁଣ୍ଟଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଲହୁଣୀପଡ଼ା ବିଡ଼ିଓ ଅନୁରାଗ ମିଶ୍ର ଯୋଗଦେଇ ଅନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଫାଇଲେରିଆ ରୋଗରେ କାରଣ ଓ ନିରାକରଣ ସମ୍ପର୍କରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନଙ୍କୁ ସୂଚନା ଦେବା ସହିତ ସାମୁହିକ ଓଷଧ ସେବନ କରିବା ପାଇଁ ପରାମର୍ଶ ଦେଇଥିଲେ।

## ସୁନ୍ଦରଗଡ଼ର କୃତୀ ଜନନାୟକଙ୍କ ନାମରେ ମେଡ଼ିକାଲ କଲେଜ ନାମିତ ହେଉ

**ସୁନ୍ଦରଗଡ,୧୧।୮(ଜୟନାରାୟଣ ମେଣ୍ଟୁଲି)**

### ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଲେ ସଚେତନ ନାଗରିକ

ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଅବସ୍ଥିତ ଜନଜାତି ବହୁଳ ସୁନ୍ଦରଗଡ ଜିଲାର ସଦରମହକୁମାଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ ପ୍ରତିଷ୍ଠା କରାଯାଇଛି। ଏହା ଉପରେ ସୁନ୍ଦରଗଡ ସହର ସମେତ ପଡୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ରାଜ୍ୟର ଅନ୍ୟ ଅଞ୍ଚଳରେ ପ୍ରତିଷ୍ଠିତ ମେଡ଼ିକାଲ କଲେଜଗୁଡିକ ସେହି ଅଞ୍ଚଳର ବରପୁତ୍ରମାନଙ୍କ ନାମରେ ନାମିତ କରାଯାଇଛି। ସେହିପରି ସୁନ୍ଦରଗଡ ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲକୁ ଏହି ମାଟିର କୃତି ଜନନାୟକଙ୍କ ନାମରେ ନାମିତ କରାଯିବାକୁ ସ୍ଥାନୀୟ ସଚେତନ ବୁଦ୍ଧିଜୀବୀ ଓ ନାଗରିକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ପୂର୍ବତନ ନଗରପାଳ ରାଜକିଶୋର ଷଡଙ୍ଗୀ,ଆଇନଜୀବୀ ପ୍ରସନ୍ନ ବେହେରା, ଯୁଗଳକିଶୋର ଠାକୁର, ପୂର୍ବତନ ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଅଧୁନା ସୁନ୍ଦରଗଡ ଜିଲାର ପ୍ରଖ୍ୟାତ ଜନନାୟକ ତଥା ସ୍ୱାଧୀନତା ସଂଗ୍ରାମୀ ନିର୍ମଳ ମୁଣ୍ଡା୧୯୩୭ ମସିହାରେ ତତ୍କାଳୀନ ଗାଙ୍ଗପୁର ଗଡଜାତର ପ୍ରଜାଙ୍କ ଉପରେ ଲାଗୁ କରାଯାଇଥିବା ଅନ୍ୟାୟ କର ଭାର ବିରୋଧରେ ସ୍ୱର ଉତ୍ତୋଳନ କରି ଆଦିବାସୀଙ୍କ କରମୁକ୍ତ ଜମି ଅଧିକାର "ଖୁଟକାଟି ଅଧିକାରର ଦାବି କରିଥିଲେ। ଏଥିପାଇଁ ଏକ ରକ୍ତାକ୍ତ ସଂଗ୍ରାମ ବ୍ରିଟିଶ ସରକାରଙ୍କ ବିରୋଧରେ ଆମ କୋ ସିମକୋଠାରେ ସଙ୍ଗଠିତ ହୋଇଥିଲା। ସ୍ୱାଧୀନତାର ପରବର୍ତ୍ତୀ ସମୟରେ ୧୯୫୭ ମସିହାରେ ସୁନ୍ଦରଗଡ ଜିଲା ବିଶ୍ରା ଜନଜାତି ସଂରକ୍ଷିତ ଆସନରୁ ସ୍ୱାଧୀନ ପ୍ରାର୍ଥୀ ବିଧାନସଭକୁ ନିର୍ବାଚିତ ହୋଇଥିଲେ।୧୯୭୨ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କଦ୍ୱାରା ତାମ୍ରପତ୍ରପ୍ରାପ୍ତ ହୋଇ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ହାସଲ କରିଥିଲେ। ସେହିପରି ସୁନ୍ଦରଗଡରେ କୃପାନିଧି ନାଏକ ଦକ୍ଷ ଆଇନଜୀବୀ, ସମାଜ ସଂସ୍କାରକ, କୃତୀ କ୍ରିଡାବିତ ଭାବେ ତଥା ୧୯୫୧ ମସିହାରେ ସୁନ୍ଦରଗଡ ବିଧାନସଭା ଆସନରୁ ନିର୍ବାଚିତ ହୋଇ ପ୍ରଥମ କରି ସୁନ୍ଦରଗଡ ଜିଲାରୁ ମନ୍ତ୍ରୀ ଭାବେ ରାଜ୍ୟ ମନ୍ତ୍ରୀମଣ୍ଡଳୀରେ ସ୍ଥାନ ପାଇ ସ୍ୱାସ୍ଥ୍ୟସେବା, କ୍ରୀଡା ଭିତ୍ତିଭୂମିର ବିକାଶ, ଶୈକ୍ଷିକ ଉନ୍ନତି ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ।ଅନ୍ୟତମ ଦଳିତ ଗାନ୍ଧୀବାଦୀ ଜନନାୟକ ଦ୍ୱାରିକାନାଥ କୁସୁମ ଦଳିତ ବର୍ଗର ଉନ୍ନତି ପାଇଁ କାର୍ଯ୍ୟ କରିବା ସହ ପ୍ରଜାମଣ୍ଡଳ ଆନ୍ଦୋଳନରେ ଭାଗ ନେଇଥିଲେ। ସେ୧୯୫୧ରେ ସୁନ୍ଦରଗଡ ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ ନିର୍ବାଚିତ ହୋଇ ଅନେକ ଜନହିତକର କାର୍ଯ୍ୟ କରିଥିଲେ। ଏଣୁ ଏହି ସଂଗ୍ରାମୀ ଜନନାୟକଙ୍କ ମଧ୍ୟରୁ ଜଣଙ୍କ ନାମରେ ସୁନ୍ଦରଗଡ ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲକୁ ନାମିତ କରାଯିବାକୁ ସ୍ଥାନୀୟ ସଚେତନ ନାଗରିକମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଛନ୍ତି।

## ସଂକ୍ଷେପରେ

### ଖଣ୍ଡା ଦେଖାଇ ଲୁଟ: ଦୁଇ ଗିରଫ

ତରଭା,୧୧।୮(ମାନଭଞ୍ଜନ ମିଶ୍ର)

ଜଣେ ବ୍ୟକ୍ତିଙ୍କୁ ଖଣ୍ଡା ଦେଖାଇ ଟଙ୍କା ଲୁଟ କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ୨ ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଜଣ ହେଲେ ଆକାଶ ମହାଲିଙ୍ଗ ଓ ରାଜନ ବଗର୍ତି। ଗୁରୁବାର ରାତିରେ ବାଇପାସ୍ ରାସ୍ତାର ପୁରୁଣା ବିଏସଏନଏଲ ଅଫିସ ପାଖକୁ ଶେଖ ବନ୍ଧୁ ଅଣ୍ଡା କିଣିବାକୁ ଯାଇଥିବା ବେଳେ ଆକାଶ ଓ ରାଜନ ହଠାତ୍ ଆସି ଖଣ୍ଡା ଦେଖାଇ ଟଙ୍କା ମାଗିଥିଲେ। ଭୟରେ ଶେଖବନ୍ଧୁ ପାଖରେ ଥିବା ଟଙ୍କା ଦେଲା ପରେ ଉଭୟ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ଶେଖ ତରଭା ଥାନାରେ ଏତଲା ଦେବା ପରେ ପୋଲିସ ଦୁହିଁଙ୍କୁ ଗିରଫ କରିଥିଲା।

### ସଂକୀର୍ତ୍ତନ୍ୟ କଳାକାର ବୃନ୍ଦାବନ ମିଶ୍ରଙ୍କ ପରଲୋକ


ବୃନ୍ଦାବନ ମିଶ୍ର(ଫାଇଲ ଫଟୋ)

ଅମରପାଲି,୧୧।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ବଡବର୍ ଗ୍ରାମର ସଂକୀର୍ତ୍ତନ୍ୟ କଳାକାର ବୃନ୍ଦାବନ ମିଶ୍ର(୯୦ )ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ୪୦ ବର୍ଷ ଧରି ଅମିନ ଭାବେ ସମ୍ବଲପୁର ଜିଲାରେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଜନକସୁତା, ଦୁଇ ଝିଅ ବ୍ରଜେଶ୍ୱରୀ, ବିଦ୍ୟୁତପ୍ରଭା, ଜ୍ୱାଇଁ ଅବସରପ୍ରାପ୍ତ କୃଷି ଅଧିକାରୀ ଦୟାନିଧି ହୋତା ଓ ସନାତନ ପୁରୋହିତ, ନାତି ନାତୁଣୀ ଉପସ୍ଥିତ ଥିଲେ। ଗତ କିଛି ଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ନାତି ଅଭିଳାଷ ପୁରୋହିତ ମୁଖାଗ୍ନି ଦେଇଥିଲେ।

### ଫାଇଲେରିଆ ରୋଗ ନିରାକରଣ ଔଷଧ ବଣ୍ଟନ କାର୍ଯ୍ୟକ୍ରମ

ବିନିକା,୧୧।୮(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସ୍ୱାସ୍ଥ୍ୟକେନ୍ଦ୍ର ଓ ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ମହାବିଦ୍ୟାଳୟରେ ଫାଇଲେରିଆ ରୋଗ ନିରାକରଣ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ହରିଶ୍ଚନ୍ଦ୍ର ହୋତାଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ଔଷଧ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଫାଇଲେରିଆ ରୋଗ ଦ୍ୱାରା ଆମର କ'ଣ କ୍ଷତି ହୁଏ ସେ ସମ୍ପର୍କରେ ଅଧ୍ୟକ୍ଷ ଡ. ପଧାନ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଶେଷରେ ଅଧ୍ୟାପକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ପାଣି ମୋଟର ଚୋରି ଅଭିଯୋଗରେ ୨ ଯୁବକ ଗିରଫ

ଲୋଇସିଂହା, ୧୧।୮(ସୁଶାନ୍ତ ବାରିକ)

ପାଣି ମୋଟର ଚୋରି ଘଟଣାରେ ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲୋଇସିଂହାର ଦୁର୍ଗା ମରାହି(୩୦),ବାସୁଦେବ ରହିଦାସ(୩୫)। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ଅଶୋକ କୁମାର ପଧାନ କହିଛନ୍ତି। ଏନେଇ ଆଇପିସିର ଦଫା ୩୭୯ରେ ଥାନା କେସ(ନଂ.୧୬୭।୨୩) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଲୋଇସିଂହା ସଦର ମହକୁମାର ବିଭିନ୍ନ ଅଞ୍ଚଳରେ ବିଗତ କିଛି ମାସ ହେଲା ପାଣି ମୋଟର ଚୋର ସକ୍ରିୟ ହୋଇ ପଡିଛନ୍ତି। ଜଡାମୁଣ୍ଡା, ଢୋଲମହୁଲ, ବ୍ଲକ କଲୋନୀ ସମେତ ବିଭିନ୍ନ ଅଞ୍ଚଳରୁ ରିତିମତ ପାଣି ମୋଟର ଚୋରି ହେଉଛି।

# ଦାବି ପୂରଣ ନ ହେଲେ ୧୬ରୁ ସ୍କୁଲ ବନ୍ଦ



ଶିକ୍ଷକ ସଂଘର ବିକ୍ଷୋଭ ସମାବେଶ।

ସମ୍ବଲପୁର,୧୧।୮(ଶୁଭାଶିଷ ପାଢୀ)

ସମ୍ବଲପୁରର ଅଗ୍ନିଶିଖା ସଭାଗୃହଠାରେ ଶୁକ୍ରବାର ଜିଲାର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପରେ ୩ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରେରଣ କରାଯାଇଥିଲା। ବୈଠକରେ ବିଭିନ୍ନ ବର୍ଗର ୩ ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲା ସଭାପତି ଲଳିତ ମୋହନ ପୃଷ୍ଟେଠଙ୍କ ସଭାପତିତ୍ୱ କରିଥିବା ବେଳେ ଉପଦେଷ୍ଟା ଜୟନ୍ତୀ ପଣ୍ଡାଙ୍କ ସମେତ କର୍ମକର୍ତ୍ତା ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଭାପତିଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାନ୍ତ କୁମାର ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ନେତୃବୃନ୍ଦ ଗତକାଲି ଗଣମାଧ୍ୟମରେ ଜଣେ ଶିକ୍ଷକ ବିଦ୍ୟାଳୟରେ ତାଲା ଝୁଲିବା ଗୁଜବ ବୋଲି ପ୍ରଚାର କରିଥିବାରୁ ତାହାକୁ ନିନ୍ଦା କରାଯାଇଥିଲା। ଏମିତି ଶିକ୍ଷକ ବିରୋଧୀ କାର୍ଯ୍ୟକୁ ଆଦୌ ବରଦାସ୍ତ କରାଯିବନି ବୋଲି ମତପ୍ରକାଶ ପାଇଥିଲା। ଆଗାମୀ ୧୫ ତାରିଖ ଭିତରେ ସରକାର ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ ନ କଲେ ଜିଲାର ସବୁ ପ୍ରାଥମିକ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ସର୍ବସମ୍ମତି ପ୍ରକାଶ ପାଇଥିଲା । ପ୍ରାଥମିକ ଶିକ୍ଷକ ଜିଲା ସଭାପତି ରଚନା ସିଂ, ସଭାପତି ପ୍ରମୋଦ କୁମାର ପ୍ରଧାନ, ଧନକଉଡ଼ ବ୍ଲକ ସଭାପତି ଯୁଧିଷ୍ଠିର ମାଝି, ରେଙ୍ଗାଲି ବ୍ଲକ ସଭାପତି ସରୋଜ ସାହୁ, ବାମରା ବ୍ଲକ ସଭାପତି ଅଶୋକ ପଟେଲ, କୁଚିଣ୍ଡା ବ୍ଲକ ସଭାପତି ପ୍ରଶାନ୍ତ ଦାସ, ଜମନକିରା ବ୍ଲକ ସଭାପତି ପ୍ରଶାନ୍ତ ନାଥ, ରେଢ଼ାଖୋଲ ବ୍ଲକ ସଭାପତି ଯୁଧିଷ୍ଠିର ବେହେରା, ନାକଟିଦେଉଳ ବ୍ଲକର ଗୁରଚରଣ ବିଶ୍ୱାଳ, ମାନେଶ୍ୱରର ମନୋରଞ୍ଜନ ପଣ୍ଡା, ଯୁଯୋମୁରାର ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବୈଠକରେ ଶିକ୍ଷକଙ୍କ ଚେତାବନୀ

## ଲିପିଣ୍ଡାରେ ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର,୧୧।୮ (ଶୁଭାଶିଷ ପାଢ଼ୀ)



ରକ୍ତଦାତାଙ୍କୁ ପ୍ରମାଣପତ୍ର ଦିଆଯାଉଛି।

ଯୁଯୁମୁରା ବ୍ଲକର ଲିପିଣ୍ଡାଠାରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲିପିଣ୍ଡା ସରପଞ୍ଚ ତଥା ସମ୍ବଲପୁର ଜିଲା ସରପଞ୍ଚ ସଂଘ ସଭାପତି ପ୍ରଫୁଲ୍ଲ କୁମାର ମିର୍ଦ୍ଧାଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବୁର୍ଲା ଭିମ୍ସାର ରକ୍ତଭଣ୍ଡାରର ବୈଷୟିକ କର୍ମଚାରୀ ଶିବିର ପରିଚାଳନା କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଦିଆଯାଇଥାଲା। ଶିବିରରେ ଓଡ଼ିଶା ମୋ ପରିବାରର ସମ୍ବଲପୁର ଜିଲା ସଂଯୋଜିକା କବିତା ପୁରୋହିତ ଓ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଲକ୍ଷ୍ମୀନାରାୟଣ ମହାପାତ୍ର ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ଅଡ଼ାଲରେ ରାସ୍ତା କଡରୁ ଜବରଦଖଲ ଉଚ୍ଛେଦ

ଅମରପାଲି,୧୧।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଖଣ୍ଡହତା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ଅଡାଲ ଗ୍ରାମରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଅଡାଲ ଗ୍ରାମ ଦେଇ ମୁର୍ଷୁଣ୍ଡି-ଖଣ୍ଡହତା-ସୁବଳୟାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ରାସ୍ତା ଯାଇଛି। ନୂତନ ଭାବେ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ଅଡାଲ ଗ୍ରାମରେ ରାସ୍ତା ପାର୍ଶ୍ୱରେ ଜବରଦଖଲ ଯୋଗୁ ରାସ୍ତା ଅଣଓସାରିଆ ହୋଇ ଯାତାୟାତରେ ସମସ୍ୟା ଦେଖା ଦେଉଥିଲା। ରାସ୍ତା ଓସାର କରିବା ପାଇଁ ଜବରଦଖଲ ଉଚ୍ଛେଦ କରିବାକୁ ବୀରମହାରାଜପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ସରକାରୀ ଜାଗା ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାୟ ୪-୫ ଜଣ ବ୍ୟକ୍ତି ସରକାରୀ ଜାଗାରେ ଘର କରିଥିବାରୁ ନିଜ ନିଜ ଘର ଭାଙ୍ଗି ଦେଇ ଜାଗା ଛାଡି ଦେଇଥିଲେ। ମାତ୍ର ଅନ୍ୟ କେତେଜଣ ବ୍ୟକ୍ତି ସରକାରୀ ଜାଗା ଛାଡି ନ ଥିଲେ। ବୁଧବାର ପୂର୍ବାହ୍ନରେ ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଉକ୍ତ ଜବରଦଖଲକାରୀଙ୍କ ରାସ୍ତା ପାର୍ଶ୍ୱରେ ଥିବା ଘରକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି। ଉଚ୍ଛେଦ ବେଳେ ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡହତା ଆରଆଇ ରାଜେନ୍ଦ୍ର ମିଶ୍ର,ଏଆରଆଇ ବିଜୟ କୁମାର ବାରା,ପୂର୍ତ୍ତ ବିଭାଗ ଅଧିକାରୀ, ସୁବଳୟା ଥାନାର ଏସଆଇ ଦିପ୍ତିରଞ୍ଜନ ଦିଗାଲଙ୍କ ସମେତ ପୋଲିସ ଫୋର୍ସ ମୁତୟନ ଥିଲେ।

## ଯୁବା ସମ୍ବାଦ ଭାରତ ୨୦୪୭ ସମ୍ପର୍କିତ କର୍ମଶାଳା

ଦେବଗଡ଼, ୧୧।୮(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ଼ର ସହାୟତା କ୍ରମେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗର ମିଳିତ ଆନୁକୂଲ୍ୟରେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଡଂରାଠାରେ ଯୁବା ସମ୍ବାଦ-ଭାରତ ୨୦୪୭ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବାରକୋଟ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ସାହୁ,ଡଂରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନ,ଅବସରପ୍ରାପ୍ତ ଅଧ୍ୟାପକ କପୁର ଚାନ୍ଦ ସାହୁ, ସହଯୋଗ ଅନୁଷ୍ଠାନର ସମ୍ପାଦକ ବଂଶଧର ସାହୁ ପ୍ରମୁଖ ଯୋଗଦେଇ ଦେଶ ସ୍ୱାଧୀନତା ଓ ଯୁବ ସମ୍ବାଦ-ଭାରତ@୨୦୪୭ ର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏକ ସୁସ୍ଥ ଓ ସମୃଦ୍ଧ ଦେଶ ଗଠନରେ ଯୁବ ସମାଜର ଭୂମିକା ସମ୍ପର୍କରେ ଆୟୋଜିତ ତର୍କ ପ୍ରତିଯୋଗିତାରେ ଲକ୍ଷ୍ମୀପ୍ରିୟା ମହାପାତ୍ର, ପ୍ରିୟଙ୍କା ବେହେରା, ନୌଜାନୀ ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉକ୍ତ କର୍ମଶାଳାରେ ୩୫୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସେଚ୍ଛାସେବୀ ରଣଜିତ ପ୍ରଧାନଙ୍କ ତତ୍ତ୍ୱାବଧାନ ଚାରା ରୋପଣ କରାଯାଇଥିଲ। ଶେଷରେ ଅଧ୍ୟାପକ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୩ ଦଫା ଦାବି ନେଇ ବିକ୍ଷୋଭ

### କେନ୍ଦ୍ରୀୟ ହାରରେ ଗ୍ରେଡପେ ୪୨୦୦ ଦାବି

ବୌଦ୍ଧ,୧୧।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ଶୁକ୍ରବାର ଦିନ ୩ ଦଫା ଦାବି ନେଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସହିତ ଶିକ୍ଷା ସହାୟକ ଓ ଶିକ୍ଷାକର୍ମୀଙ୍କ ଠିକା କାର୍ଯ୍ୟକାଳକୁ ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରିରେ ଗଣନା କରିବା, କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ, ରାଜ୍ୟରେ ସମସ୍ତ ବର୍ଗର ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ମୂଳ ବେତନ ଲେଭୁଲ -୯ କେନ୍ଦ୍ରୀୟ ହାରରେ ଗ୍ରେଡ ପେ ୪୨୦୦ କରିବା ଆଦି ଦାବି ରହିଛି। ଶିକ୍ଷକ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲା।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଦେବାଶିଷ


@ ପ୍ରମୋଦ


@ ପପୁନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପଟ୍ଟନାୟକଙ୍କ ପରଲୋକ

ବୌଦ୍ଧ,୧୧।୮(ଅଜିତ କୁମାର ବାରିକ)



ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପଟ୍ଟନାୟକ (୮୫)ଙ୍କ ଭୁବନେଶ୍ୱରଠାରେ ଗତ ଗୁରୁବାର ଦିନ ପରଲୋକ ହୋଇଯାଇଛି। ସେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦକ୍ଷତାର ସହ କାର୍ଯ୍ୟ ତୁଲାଇ ୧୯୯୬ରେ ଅବସର ଗ୍ରହଣ କରିଥିଲେ। ଶୁକ୍ରବାର ଦିନ ନିରୁପମାଙ୍କ ପରଲୋକ ଖବର ବୌଦ୍ଧରେ ପ୍ରଚାରିତ ହେବା ପରେ ତାଙ୍କ ସହକର୍ମୀ, ପୁରାତନ ଛାତ୍ରୀ ଓ ଅଭିଭାବକ ମହଲରେ ଶୋକପ୍ରକାଶ ପାଇଛି। ସହକର୍ମୀ ଭାବେ କାର୍ଯ୍ୟ କରିଥିବା ପ୍ରଭାତି ଦେଇ, ଉର୍ମିଳା ସାହୁ, ପ୍ରମିଳା ପଟ୍ଟନାୟକ,ସୀତା ପଟ୍ଟନାୟକ, ବୀଣାପାଣି ମହାପାତ୍ର, ପ୍ରମିଳା ବେହେରା, ସ୍ନେହଲତା ପୁରୋହିତ ପ୍ରମୁଖ ତାଙ୍କ ବିୟୋଗରେ ଶୋକପ୍ରକାଶ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ଗାଁ ମୁଣ୍ଡରୁ ରକ୍ତାକ୍ତ ମୃତଦେହ ଜବତ: ହତ୍ୟା ସନ୍ଦେହ

ବାଉଁଶୁଣୀ,୧୧।୮(ଦେବାଶିଷ ନେପାକ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଲୁମୁରୁଜୁନା ଗାଁ ମୁଣ୍ଡରୁ ଶୁକ୍ରବାର ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପୋଲିସ ଜବତ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ମନମୁଣ୍ଡା ଥାନା ଲୁମୁରଜୁନା ଗ୍ରାମର ସମାରୁ ଗେଜ(୩୫)। ଏହି ଘଟଣାରେ ପୋଲିସ ସେହି ଗ୍ରାମର ଦୁଇ ଭାଇଙ୍କୁ ଅଟକ ରଖି ପଚରାଉଚରା କରୁଛି। ପ୍ରକାଶ ଯେ, ଗୁରୁବାର ସମାରୁ ଗାଈ ଚରାଇବାକୁ ଗ୍ରାମ ପଡିଆକୁ ଯାଇ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶେଷରେ ପରିବାର ଲୋକ ମନମୁଣ୍ଡା ଥାନାରେ ଜଣାଇଥିଲେ। ତେବେ ସକାଳେ ସମାରୁଙ୍କ ମୃତଦେହ ଗାଁ ମୁଣ୍ଡରେ ପଡ଼ିଥିବା ନେଇ ପୋଲିସକୁ ଖବର ଦିଆଯାଇଥିଲା। ତାଙ୍କୁ କେହି ଦୁର୍ବୃତ୍ତ ଟାଙ୍ଗିଆରେ ହାଣି ପକାଇ ଦେଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ମନମୁଣ୍ଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସମାରୁଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ । ଏ ନେଇ ମନମୁଣ୍ଡା ଥାନାରେ ନଂ ୧୮୮/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ୩୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ ଜବତ କଲା ପୋଲିସ

■ଦୋକାନ ଉପରେ ଚଢ଼ାଉ
■ବେଆଇନ ଭାବେ ରଖାଯାଇଥିଲା

ଡୁଙ୍ଗୁରିପାଲି,୧୧।୮(ଦୀନବନ୍ଧୁ ସୁନା)



ପୋଲିସ ଜବତ କରିଥିବା ଚାଉଳ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଏଫସିଆଇ ଗେଟ ସମ୍ମୁଖରେ ଥିବା ଏକ ଦୋକାନରେ ସ୍ଥାନୀୟ ପୋଲିସ ଶୁକ୍ରବାର ଚଢାଉ କରି ୩୩ କୁଇଣ୍ଟାଲ ୪୫ କେଜି ଚାଉଳ ଜବତ କରିଛି। ଜବତ ଚାଉଳର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟାରେ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ଓ ତାଙ୍କ ଟିମ୍ କୌଣସି ସୂତ୍ରରୁ ଖବର ପାଇ ଡୁଙ୍ଗୁରିପାଲି ୨୬ ନମ୍ବର ଜାତୀୟ ରାଜପଥ ଏଫସିଆଇ ଗେଟ ସମ୍ମୁଖ ଦୋକାନରେ ଚଢାଉ କରିଥିଲେ। ଦୋକାନ ଭିତରୁ ବେଆଇନ ଭାବେ ଗଚ୍ଛିତ ଥିବା ଚାଉଳ ପୋଲିସ ଜବତ କରି ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତ ପାଣିଙ୍କୁ ଖବର ଦେଇଥିଲା। ଯୋଗାଣ ନିରୀକ୍ଷକ ପାଣି ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ବର୍ତ୍ତମାନ ଡୁଙ୍ଗୁରିପାଲି ବ୍ଲକର ପ୍ରତି ପଞ୍ଚାୟତରେ ରାଶନ କାର୍ଡ ହିତାଧିକାରୀମାନଙ୍କୁ ଭିଟାମିନଯୁକ୍ତ ଚାଉଳ ସରକାରଙ୍କ ତରଫରୁ ବଣ୍ଟନ କରାଯାଉଛି। କିନ୍ତୁ ଜବତ ଚାଉଳ ପଞ୍ଚାୟତରେ ରାଶନକାର୍ଡଧାରୀଙ୍କୁ ଦିଆଯାଉଥିବା ଭିଟାମିନ ଯୁକ୍ତ ଚାଉଳ ନୁହେଁ ବୋଲି ବ୍ଲକ ଯୋଗାଣ ନିରୀକ୍ଷକ ପାଣି କହିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ଏତେ ପରିମାଣର ଚାଉଳ ଦେକାନକୁ ଆସିଲା କେମିତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚାଉଳ ଓ କିଛି ଖାଲି ଥିବା ବସ୍ତା ପୋଲିସ ଜବତ କରି ଥାନାରେ ରଖିଛି। ଦୋକାନର ମାଲିକ ରଞ୍ଜନ ସ୍ୱାଇଁଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତାଙ୍କ ନାମରେ ନଂ୧୩୫/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଧାନ ପ୍ରକାଶ କରିଛନ୍ତି।

